

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୧୨ ଭୁବନେଶ୍ୱର ବୁଧବାର, ଜାନୁୟାରୀ ୦୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.112 Bhubaneswar, Wednesday, January 01, 2025





# ପ୍ରବାସୀ ଭାରତୀୟ ଦିବସରେ ୭ ହଜାର ଅତିଥି



ଭୁବନେଶ୍ୱର,୩୧/୧୨: ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ଆସନ୍ତା ଜାନୁଆରି ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି। ସ୍ଥାନୀୟ ଜନତା ମଇଦାନଠାରେ ମହାସମାରୋହରେ ଏହା ପାଳନ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏହାର ସମ୍ପୂର୍ଣ୍ଣ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ନିଜର ସମୃଦ୍ଧ ଐତିହ୍ୟ ଓ ପରମ୍ପରା ପାଇଁ ପ୍ରସିଦ୍ଧ। ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର। ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ହଜାର ଅତିଥି ଯୋଗଦେବେ। ଅଦ୍ୟାବଧି ୨୭୪୮ ଜଣ ଅତିଥି ଅଂଶ ଗ୍ରହଣ ନିମନ୍ତେ ପଞ୍ଜିକରଣ କରି ସାରିଲେଣି। ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟାଇନ୍ କାର୍ଲି କାଙ୍ଗାଲୁ ଯୋଗଦେବେ। ଏହି ଅବସରରେ ସେ ଚନ୍ଦକା ସ୍ଥିତ ଗୋଡିବାରି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଏସ୍ ଜୟ ଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରଭୃତି ଏହି ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ଉଦଘାଟନ କରିବେ। ଏହାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ହାଇ ସିକ୍ୟୁରିଟି ଫୋର୍ସ, ୨୫୦ ଟ୍ରାଫିକ ନିୟନ୍ତ୍ରଣକାରୀ ଏବଂ ୧୪୦ ଲିଆଜିନିଙ୍ଗ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେହିପରି ବିଦେଶରୁ ଆସୁଥିବା ଅତିଥିମାନଙ୍କୁ ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟ୍ୱିନସିଟି ଭୁବନେଶ୍ୱର ଓ କଟକକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ନିର୍ମଳ କରାଯାଇଛି। ସହରର ରାସ୍ତା ଘାଟ, ଅଫିସ୍ ବିଲଡିଙ୍ଗ, ବିଡିଏ ପାର୍କ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ସୁସଜ୍ଜିତ ଆଲୋକ ମାଳାରେ ସଜାଇ ଦିଆଯାଉଛି। ପ୍ରବାସୀ ଭାରତୀୟ ଦିବସ ମହାସମାରୋହରେ ଆୟୋଜନ ବେଳେ ସହରର ବିଭିନ୍ନ ସ୍ଥାନରେ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା ପ୍ରଭୃତି ଦ୍ୱାରା ରାଜଧାନୀକୁ ଉତ୍ସବ ମୁଖର କରାଯିବ। ଭୁବନେଶ୍ୱର ସହିତ ଏହାର ଆଖପାଖ ଅଞ୍ଚଳର ପରିମଳ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ଉପରେ ସ୍ୱତନ୍ତ୍ର ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ବି.ଏମ୍.ସି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗିଦାରୀ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ସମାରୋହରେ ଓଡିଶାର ସମୃଦ୍ଧ କଳା ଓ ଐତିହ୍ୟର ପ୍ରଦର୍ଶନ ରାଜାରାଣୀ ସଙ୍ଗୀତ ଉତ୍ସବ, ଓଡିଶୀ ନୃତ୍ୟ, ମୁକ୍ତେଶ୍ୱର ଡ୍ୟାନ୍ସ ଫେଷ୍ଟିଭାଲ, ଦେଶଜ ନୃତ୍ୟ ଇତ୍ୟାଦି ମାଧ୍ୟମରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯିବ । ଏହାର ଦୂରଦର୍ଶନରେ ସିଧା ପ୍ରସାରଣ ମଧ୍ୟ କରାଯିବ। ଭୁବନେଶ୍ୱର, କଟକ, ପୁରୀ, କୋଣାର୍କ ଆଦି ବିଭିନ୍ନ ସହରର ପ୍ରାୟ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ଅତିଥି ମାନଙ୍କୁ ନେବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡିଶାର ଏକ ପ୍ୟାଭିଲିୟନ ଜନତା ମଇଦାନରେ ରହିବ, ଯେଉଁଥିରେ ଶ୍ରୀ ଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜୀ ଗୁଡିକର ପ୍ରଦର୍ଶନ କରାଯିବ। ଏହା ସହ ଏକ ଡିଜିଟାଲ୍ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଅତିଥିମାନଙ୍କ ଭ୍ରମଣ ତଥା ଯାତାୟାତ ନିମନ୍ତେ ୧୦ଟି ଉନ୍ନତମାନର ବସ ଏବଂ ୫ଟି ଡବଲ୍ ଡେକର ବସର ବ୍ୟବସ୍ଥା କରାଯାଇଛି। ୨୦୦ରୁ ଅଧିକ ପ୍ରବାସୀ ସାମ୍ବାଦିକ, ୭ଟି ଦେଶରୁ ୟୁଟ୍ୟୁବର ଓ ବ୍ଲଗର ଏଥିରେ ଅଂଶ ଗ୍ରହଣ କରୁଛନ୍ତି। ଏହି ଉତ୍ସବର ପ୍ରଚାର ଓ ପ୍ରସାରଣ ନିମନ୍ତେ ସୋସିଆଲ ମିଡିଆ, ଟିଭି ଓ ବିଜ୍ଞାପନ ଇତ୍ୟାଦି ମାଧ୍ୟମରେ ଜନସାଧାରଣଙ୍କୁ ତିନିଗୋଟି ଭାଷା ଯଥା-ଓଡିଆ, ହିନ୍ଦୀ, ଇଂରାଜୀରେ ଅବଗତ କରାଯାଉଛି। ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡା, ଆଇନ, ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ।

# ରାତି ସାଢ଼େ ୧୨ଟା ସୁଦ୍ଧା ଦ୍ୱାର ଫିଟା ନୀତି

ପୁରୀ,୩୧/୧୨: କ୍ୟାଲେଣ୍ଡର ବର୍ଷ-୨୦୨୪ର ସମୟ ସରିସରି ଆସୁଛି। ଏହାର ସ୍ଥାନ ନେବାକୁ ଯାଉଛି ବର୍ଷ-୨୦୨୫। ଏଥି ପାଇଁ ସ୍କୁଲ ପିଲାଙ୍କ ଠାରୁ ନେଇ ଯୁବଗୋଷ୍ଠୀ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ଅଛନ୍ତି। ଧାର୍ମିକସ୍ଥଳରେ ମଧ୍ୟରେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବିଶ୍ୱପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିରରେ ମଧ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନୂଆବର୍ଷରେ ଶ୍ରଦ୍ଧାଳୁମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଦର୍ଶନ କରାଇବା ପାଇଁ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ ସମସ୍ତ ବଳ ପ୍ରୟୋଗ କରିଛନ୍ତି। ନୂଆବର୍ଷ ଅବସରରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନେଇ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ୀ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଆଜି ରାତି ସାଢ଼େ ୧୨ଟା ସୁଦ୍ଧା ଦ୍ୱାର ଫିଟା ନୀତି ନେଇ ଆଶାବାଦୀ ଅଛୁ। ସେଥି ପାଇଁ ରାତି ୧୦ଟାରୁ ସାଢ଼େ ୧୦ଟା ଭିତରେ ପହୁଡ଼ ପଡ଼ିବ। ଶୀଘ୍ର ପହୁଡ଼, ଦ୍ୱାର ଫିଟା ନୀତି ହେଲେ ଶ୍ରଦ୍ଧାଳୁଙ୍କ ଦର୍ଶନ ସହଜ ହେବ। ବର୍ତ୍ତମାନ ସୁଦ୍ଧା ନୀତିକାନ୍ତି ଠିକ୍ ଭାବେ ଚାଲିଛି। ଶ୍ରଦ୍ଧାଳୁମାନଙ୍କୁ ମାର୍କେଟ୍ ଛକଠାରୁ ଧାଡ଼ିରେ ଆସିବାକୁ ପରାମର୍ଶ ଦିଆଯାଇଛି। ସାଧାରଣ ଶ୍ରଦ୍ଧାଳୁମାନେ ଆଜି (ମଙ୍ଗଳବାର) ଓ କାଲି (ବୁଧବାର) ସିଂହଦ୍ୱାର ଦେଇ କେବଳ ପ୍ରବେଶ କରିବେ। କିନ୍ତୁ ସିଂହଦ୍ୱାର ଦେଇ ପ୍ରବେଶ ନକରି ଅନ୍ୟ ୩ଟି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ନୂଆବର୍ଷ ଅବସରରେ ଡିସେମ୍ବର ୩୧ ତାରିଖରୁ କଟକଣା ଲାଗୁହୋଇଛି। ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ସହ ଗାଡ଼ିମୋଟର ଚଳାଚଳରେ କଟକଣା ଲଗାଯାଇଛି। ଭୁବନେଶ୍ୱର, କୋଣାର୍କ ଓ ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ଗାଡ଼ିମୋଟରର ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ ହୋଇଛି। ଡିସେମ୍ବର ୩୧ ଓ ଜାନୁଆରି ୧ ତାରିଖରେ ଶ୍ରୀମନ୍ଦିରେ ଅଧିକ ଭିଡ଼ ହେବ ବୋଲି ସମ୍ଭାବନା ରହିଛି। ଏଥିପାଇଁ ଆଜି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ପ୍ରଶାସନର ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନଠାରୁ ମିଳିଥିବା ସୂଚନା ମୁତାବକ, ଡିସେମ୍ବର ୩୧ ଓ ଜାନୁଆରି ୧ ତାରିଖ, ଦୁଇଦିନ ଧରି ଶ୍ରୀମନ୍ଦିରରେ ଭକ୍ତମାନେ ଚାରିଦ୍ୱାର ବଦଳରେ କେବଳ ସିଂହଦ୍ୱାରରେ ପ୍ରବେଶ କରିବେ।

# ଆଜିଠୁ ବଢ଼ିବ ଶୀତ

ଭୁବନେଶ୍ୱର,୩୧/୧୨: ଆଜିଠୁ ରାଜ୍ୟରେ ବଢ଼ିବ ଶୀତ । ଜାନୁଆରୀ ପ୍ରଥମ ସପ୍ତାହ ଯାଏଁ ରାଜ୍ୟରେ ଶୀତ ଲାଗି ରହିବ । ୩ ଦିନ ମଧ୍ୟରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ ବୋଲି ପୂର୍ବାନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ନେଇ ୪ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । କେନ୍ଦୁଝର , ସୁନ୍ଦରଗଡ , ସମ୍ବଲପୁର ଏବଂ ଝାରସୁଗୁଡାରେ ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଛି ।ଏହି ୪ ଜିଲ୍ଲାରେ ୫୦ ମିଟର ତଳକୁ ଖସି ଆସିପାରେ ଦୃଶ୍ୟମାନ ଦୂରତା। ଗତ ୨୪ ଘଣ୍ଟା ମଧ୍ୟରେ ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ରେକର୍ଡ ହୋଇଛି।

# ସାମ୍ବାଦିକଙ୍କ ପାଇଁ ହଟିଲା କଟକଣା

ଭୁବନେଶ୍ୱର,୩୧/୧୨: କୋଭିଡ ଆଳରେ ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ସାମ୍ବାଦିକଙ୍କୁ ବାରଣ କରିଥିଲେ ବିଜେଡି ସରକାର। କୋଭିଡ କଟକଣା ଉଠିଲା, କିନ୍ତୁ ନବୀନ ପଟ୍ଟନାୟକଙ୍କ ସରକାର ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ସାମ୍ବାଦିକଙ୍କୁ ଅନୁମତି ଦେଲେନି। ଏବେ ବିଜେପି ସରକାର ପ୍ରଥମ ଥର ଓଡ଼ିଶାରେ ଶାସନ କ୍ଷମତାକୁ ଆସିବା ପରେ ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ସାମ୍ବାଦିକଙ୍କୁ ଅନୁମତି ଦେଇଛନ୍ତି। ଏନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଗତ ୨୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ପ୍ରବେଶ ଅନୁମତି ଦିଆଯାଇଛି। କୋଭିଡ ଆଳରେ ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ସାମ୍ବାଦିକଙ୍କୁ ବାରଣ କରିଥିଲେ ବିଜେଡି ସରକାର। କୋଭିଡ କଟକଣା ଉଠିଲା, କିନ୍ତୁ ନବୀନ ପଟ୍ଟନାୟକଙ୍କ ସରକାର ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ସାମ୍ବାଦିକଙ୍କୁ ଅନୁମତି ଦେଲେନି।







# ୯ ୯ ୯ କିଲୋ ଗଞ୍ଜେଇ ଚୋରା ଚାଲାଣ ମାମଲା

## ଜମାନତରେ ଆସିବାପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପୁଣି ଗିରଫ ହେଲେ ଅସୀମ

ମାଲକାନଗିରି,୩୧/୧୨(ନି.ପ୍ର): ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସ ଆଜି ବାଲିମେଳା ସହରର ଦୈନିକ ବଜାରରେ ରହୁଥିବା ଅସୀମ ମାଲିକ ନାମକ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିବା ପରେ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ତେବେ ଏନେଇ ଓର୍କେଲ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବାଲିମେଳା ସହରର ଦୈନିକ ବଜାରରେ ରହୁଥିବା ଅସୀମ ମାଲିକ ଗତ ୨୦୨୧ ମସିହା ସେପଟେମ୍ବର ମାସରେ ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତିଙ୍କ ସହ ମିସି ପ୍ରାୟ ୯୯୯କିଲୋ ଗଞ୍ଜେଇ ବେଆଇନ ଭାବେ ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ଚିତ୍ରକୋଣ୍ଡା ଛକ ନିକଟରେ ପୋଲିସ ହାତରେ ଧରା ପଡ଼ିଥିଲେ। ଏନେଇ ଓର୍କେଲ ଥାନାରେ ଏକ ମାମଲା କେସ ନମ୍ବର ୯୪/୨୧ ୟୁ/ଏସ -୨୦(ବି)(ସସ)(ସି) ଏନଡିପିଏସ ଦଫାରେ ଗିରଫ କରି ଉଭୟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପ୍ରାୟ ୩ମାସ ପୂର୍ବେ ଅସୀମ ଜମାନତରେ ନିଜ ଘରକୁ ଆସିଥିଲେ। ଏହି ମାମଲା କୋର୍ଟରେ ବିଚାରଧୀନ ରହିଛି ।କିନ୍ତୁ କୋର୍ଟ ପକ୍ଷରୁ ଧାର୍ଯ୍ୟ ହୋଇଥିବା ତାରିଖରେ କୋର୍ଟରେ ହାଜର ହେବା ପାଇଁ ମାନ୍ୟବର କୋର୍ଟଙ୍କ ପକ୍ଷରୁ ଅସୀମଙ୍କୁ ବାରମ୍ବାର ନୋଟିସ ପଠାଯାଇଥିଲେ ମଧ୍ୟ ଅସୀମ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି କୋର୍ଟରେ ହାଜର ହେଉନଥିଲେ। ଶେଷରେ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅସୀମଙ୍କ ନାମରେ ଜାମୀନ ବିହୀନ ଗିରଫ ପରୱାନା ଜାରୀ କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅସୀମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ,ସୋସୋର ବନ୍ଧୁ ମିଳନ



ହାଟଡିହି୩୧/୧୨(ନି.ପ୍ର): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ବଉଳା ଆଞ୍ଚଳିକ ମହାବିଦ୍ୟାଳୟ ସୋସୋ ରେ ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ, ସୋସୋ ର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ର ସଭାପତି ପର୍ଶୁରାମ ପେଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ,ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ,ପ୍ରାକ୍ତନ ପ୍ରଶାସକ ନୃସିଂହ ଚରଣ ଦେହୁରୀ,ପ୍ରାକ୍ତନ ଶିକ୍ଷା ଅଧିକାରୀ ସଙ୍ଖାଳି ଚରଣ ରାଉତ ପ୍ରମୁଖ ମଞ୍ଚାସିନ ରହିଥିଲେ।ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ କିପରି ଭାତୃତ୍ୱ ଭାବ ଉଦଜିବିତ୍ ହୋଇ ରହିବ ସହ ଏହି ମଞ୍ଚ କୁ ପଞ୍ଜୀକୃତ କରିବା,ନୂତନ କମିଟି ଗଠନ,ବରିଷ୍ଠ ନାଗରିକ ବିକାଶ ମଞ୍ଚ ର ଗୃହ ନିର୍ମାଣ,ସାମାଜିକ କାର୍ଯ୍ୟକ୍ରମ, ପରିଚୟ ପତ୍ର ପ୍ରଦାନ,ବରିଷ୍ଠ ମଞ୍ଚରେ ମହିଳା ଓ ଯୁବବର୍ଗ ଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ରହିଛି।ଏହି ଅଞ୍ଚଳ ର ବିକାଶ ପାଇଁ ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ, ସୋସୋ ସର୍ବ ପ୍ରଥମେ ପ୍ରଶାସନ ନିକଟରେ ଯେପରି ଏହି ଅଞ୍ଚଳ ସାଧାରଣ ଲୋକଙ୍କ ହକ୍ ର ସ୍ୱର ଉତ୍ତୋଳନ କରି ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବି ମାନଙ୍କ ମନରେ ପ୍ରଶଂସା ସାଉଁଟି ପାରିବ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା।

# ରୂପ୍ରାରୋଡରେ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସର ପ୍ରସ୍ତୁତି



ନର୍ଲା,୩୧/୧୨(ନି.ପ୍ର):ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ରୂପ୍ରାରୋଡ ଠାରେ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଉକ୍ତ ବୈଠକରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଉପସ୍ଥିତ ରହିଥିଲେ।ବିଧାୟିକା ମନୋରମା ମହାନ୍ତି ଉକ୍ତ ବୈଠକ ର ସଭାପତିତ୍ୱ କରିଥିଲେ। ବିଜୁ ଜନତା ଦଳର ରାଜ୍ୟ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟନାଏକ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କର୍ମେ ଆସନ୍ତା ୨୬/୧୨/୨୦୨୪ ରିଖ ଗୁରୁବାର ଦିନ ନର୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ରୁପ୍ରାରୋଡ ଠାରେ ୨୮ତମ ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ଏକ ବିଶେଷ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ ଉକ୍ତ ବୈଠକରେ ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି,ରାଜ୍ୟ ସରପଞ୍ଚ ସଂଘ ର ସଭାପତି ରୋମାଞ୍ଚଳ ସାହୁ, ନର୍ଲା ବ୍ଲକ୍ ସରପଞ୍ଚ ସଂଘର ସଭାପତି ଅନ୍ତରମ୍ ମାଝୀ,ବିଜେଡି ଜିଲ୍ଲା ଛାତ୍ର ସଙ୍ଘ ଉପ ସଭାପତି ଗୋବିନ୍ଦ ତାଣ୍ଡି,ନର୍ଲା ବ୍ଲକ୍ ଛାତ୍ର ସଭାପତି ଘାସିରାମ ସାହୁ,ଭିମକେଲା ସରପଞ୍ଚ ପ୍ରତିନିଧି ଜୟନ୍ତ ଗୌଡ଼,ରୁପ୍ରା ରୋଡ ସରପଞ୍ଚ ହେମନ୍ତ ଭୋଇ,ସମେତ ବିଜୁ ଜନତା ଦଳର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା ଓ ନର୍ଲା ବ୍ଲକ ବିଜୁ ଜନତା ଦଳର ସମସ୍ତ ପଞ୍ଚାୟତ ସଭାପତି ଏବଂ କର୍ମୀ ମାନେ ଉପସ୍ଥିତ ରହିଥିଲେ ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ



ବଣାଇ,୩୧/୧୨(ନି.ପ୍ର):ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଆଜି ରାଉରକେଲା ରେ ପାଳିତ ହୋଇଯାଇଛି । ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସ୍ଥିତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ସହରର ଗଣମାନ୍ୟ ମାନେ ଉପସ୍ଥିତ ରହି ସମୂହ ପୁଷ୍ପ ମାଲ୍ୟଅର୍ପଣ କରିଥିଲେ । ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି , ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ ଉପସ୍ଥିତ ରହି ପ୍ରତିମୂର୍ତ୍ତି ରେ ମାଲ୍ୟା ର୍ପଣ କରିଥିଲେ ଏବଂ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏହି ଅବସରରେ ଶ୍ରୀ କୁଲକର୍ଣ୍ଣି ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶକୁ ମନେପକାଇଥିଲେ ଓ ଏହାକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଉରକେଲା ସୀମା ଫାତିମା ଏକ୍କା, ସହିତ ଦିପିକା ଶିକ୍ଷା ସଦନ ବିଦ୍ୟାଳୟ ର ଛାତ୍ରଛାତ୍ରୀ , ଶିକ୍ଷକ,ଅଭିଭାବକ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଜନ ସାଧାରଣ ଉପସ୍ଥିତ ଥିଲେ ।

# ନକଲି କଫ୍ ସିରପ୍ ଜବତ୍ କଲେ କେସିଙ୍ଗା ପୋଲିସ



କେସିଙ୍ଗା ତା:୩୧/୧୨(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବୋରିଆ -ଜୋଲକୋ ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥ ନିକଟରେ ଏକ ନକଲି କଫ ସିରପ୍ ପୋଲିସ ଆଜି ମଙ୍ଗଳବାର ଜବତ କରିଥିବା ଜଣାପଡ଼ିଛି ।ଆକାଶ ଅଗ୍ରୱାଲ ନାମକ ଡ୍ରାଇଭର ସହିତ ଅନ୍ୟ ଏକ ଲୋକ କେସିଙ୍ଗା ରେଳଷ୍ଟେସନ ରୁ ନୂଆପଡା ଜିଲ୍ଲାକୁ ଯାଉଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଡ୍ରାଇଭର ଘର ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଉଦ୍ୟାନବନ୍ଧ ବୋଲି ଜଣାପଡ଼ିଛି। ଉକ୍ତ କଫ ସିରପ୍ ବୋତଲ ପ୍ରତି ୧୦୦ ଏମ.ଏଲ ହୋଇଥିଲା ବେଳେ ୧୭୨୮ବୋତଲ ଏକ ଆର୍ଟିକା ଗାଡି ନଂ.ସି. ଜି.ଓ.୪ଖଟ.୦୩୧୬ ଗାଡିରେ ଚାଲାଣ ହେଉଥିବା ବେଳେ କେସିଙ୍ଗା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଗାଡିଟିକୁ କେସିଙ୍ଗା ରୁ ପିଛା କରିଥିଲେ। ଜୋଲକୋ ବୋରିଆ ଗ୍ରାମ ନିକଟରେ ଉକ୍ତ କଫ ସିରପ୍ ଭର୍ତ୍ତି ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ନରେଶ ଗହିର ଫେରାର ହୋଇଯାଇଥିବା ଜଣାପଡିଛି। ମାଜିଷ୍ଟ୍ରେଟ ଭାବେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚିଲା ପରେ ସିରପ୍ ଗୁଡ଼ିକୁ କୁ ଗଣତି କରାଯାଇଥିଲା।

# ମୟୂରଭଞ୍ଜ ଡାକ ମଣ୍ଡଳର ୫୩ତମ ପ୍ରତିଷ୍ଠା ଦିବସ



ବାରିପଦା,୩୧/୧୨(ନି.ପ୍ର): ମୟୁରଭଞ୍ଜ ଡାକ ମଣ୍ଡଳର ୫୩ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସରେ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଡାକ ବିଭାଗରେ ହେଉଥିବା ବିଭିନ୍ନ ସଂଚୟ ଯୋଜନା ସହ ସମାଜରେ ଏହି ସୁବିଧାରୁ ବଞ୍ଚିତ ଥିବା ଲୋକଙ୍କୁ ସାମିଲ କରିବାକୁ ଡାକ ବିଭାଗକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୟୁରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଡାକ ବିଭାଗର ବିଶ୍ୱାସନୀୟତା ତଥା ଡିଜିଟାଲ ଯୁଗରେ ନୂଆ ନୂଆ ଟେକ୍ନୋଲୋଜିରେ ହେଉଥିବା ସାଇବର ଅପରାଧକୁ କିପରି ରୋକି ହେବ ସେ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ପ୍ରଫେସର ଝରଣା ବେହେରା ଡାକ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିବା ସହ ଦୁର୍ଗମ ସ୍ଥାନରେ ବସବାସ କରିଥିବା ଲୋକମାନଙ୍କର ଆଜି ମଧ୍ୟ ଡାକ ବିଭାଗ ଏକ ମାତ୍ର ସରକାରୀ ସଂସ୍ଥା ଯୋଉଠି ସେମାନେ ସମସ୍ତ ପ୍ରକାରର ସୁବିଧା ପାଇପାରୁଛନ୍ତି ବୋଲି କହିଥିଲେ. ଡାକ ବିଭାଗର ଅବସରପ୍ରାପ୍ତ ସତର୍କତା ଅଧିକାରୀ ଭଗବାନ ସାମଲ ଅନ୍ୟତମ ସମ୍ମାନିତ ଅତିଥି ହୋଇ ଯୋଗଦେଇ ଥିବା ବେଳେ, ସଭାକାର୍ଯ୍ୟକୁ ପୌରାହିତ କରି ମୟୁରଭଞ୍ଜ ଡାକ ମଣ୍ଡଳ ଅଧିକ୍ଷକ ବସନ୍ତ କୁମାର ସିଂହ ମୟୁରଭଞ୍ଜ ଡାକ ମଣ୍ଡଳର ସଫଳତା ବିଷୟରେ ଉଲ୍ଲେଖ କରିଥିଲେ. ଅତିଥିବୃନ୍ଦ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଡାକ କର୍ମଚାରୀ ଏବଂ ଡାକ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଶେଷରେ ଡାକ ସହ ଅଧିକ୍ଷକ ପ୍ରଣବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଘର ଲୋକେ ଚର୍ଚ୍ଚକୁ ଯାଇଥିବା ବେଳେ ଘରେ ବୁଲାଇଲେ କଳା କନା

ବଣେଇ,୩୧/୧୨(ନି.ପ୍ର): ସୁନ୍ଦରଗଡ଼ ଟାଉନ ଥାନା ଫିଟିଙ୍ଗପଡା ରେ ସିରିଜ ଚୋରି ଘଟଣା । ୫ ଟି ଘରର ମେନଗେଟ କୁ ଗ୍ୟାସ କଟର ରେ ଭାଙ୍ଗି ଚୋରି କରିନେଲେ ଦୁର୍ବୃତ୍ତ । ଟାଉନ ଥାନା ପୋଲିସର ବଡଦିନ ପାଇଁ ସମସ୍ତେ ଗୀର୍ଜା ଯାଇଥିବା ବେଳେ ଚୋର ମାନେ ବଡା ଆରାମରେ ଗୋଟେ ଗୋଟେ ରୁମ ବୁଲି ସମସ୍ତ ଆଲମୀରା ତାଡି ୫ ଟି ଘରୁ ୫ ଶହ ଗ୍ରାମରୁ ଅଧିକ ସୁନା ସହିତ ଲକ୍ଷାଧିକ ଟଙ୍କା ଚୋରି କରିନେଇଛନ୍ତି । ପୋଲିସ ଖବର ତଦନ୍ତ ଆରମ୍ଭ କରିଛି । ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି ଟାଉନ ଥାନା ପୋଲିସ। ଗତକାଲି ବିଳମ୍ବିତ ରାତି ରେ ଏହି ଘଟଣା ଘଟିଥିବା ବେଳେ ଆଜି ସକାଳୁ ସେମାନ ଚର୍ଚ୍ଚରୁ ଫେରିବା ପରେ ଏହି ଘଟଣା ଜାଣିବାକୁ ପାଇଥିଲେ ଘର ଲୋକେ ।

## କଶୁପଡ଼ା କୃଷି ସମବାୟ ସମିତି ପିଅନ ଧାନ ମଣ୍ଡିରେ ବସି ବାବୁଙ୍କ ଦାଦାଗିରି

କେସିଙ୍ଗା:କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କଶୁପଡ଼ା ଧାନ ମଣ୍ଡିରେ କୃଷି ସମବାୟ ସମିତି କଶୁପଡ଼ା ର ପିଅନ ବାବୁ ଙ୍କ ଅଧୀନରେ ଚାଲିଛି କଶୁପଡ଼ା ଧାନ ମଣ୍ଡି ଦିନସାରା ମଦ୍ୟ ପାନ କରି ପିଅନ ବାବୁ ଜଣକ ଦମଙ୍ଗଗିରି କରୁଛନ୍ତି। କିଛି ଗଣମାଧ୍ୟମ ପ୍ରତିନିଧି ରିପୋର୍ଟ ମାଗିବା ପାଇଁ ଯେତେବେଳେ ମଣ୍ଡିକୁ ଗଲେ ସେମାନଙ୍କୁ ପିଅନ ବାବୁ ଜଣକ ନିଶା ଅବସ୍ଥାରେ ଥାଇ ଖରାପ ବ୍ୟବହାର ଦେଖାଇ କଥାବାର୍ତ୍ତା କରି ଧମକ ଚମକ ଦେଲେ ଓ କହିଲେ ମୁଁ ହେଉଛି ଏହି ମଣ୍ଡି ର ସର୍ବେ ସର୍ବା ମୋତେ ଯାହା କହିବା କଥା କୁହନ୍ତୁ ସେକ୍ରେଟାରୀ କଣ କରିବ ଯାହା କରିବି ଯାହା ଦେବୀ ମୁ ଦେବୀ ବୋଲି ଯୁକ୍ତିତର୍କ କଲେ ।ଯଦି ଧାନ ମଣ୍ଡି ରେ ଏ ପରି ଭାବରେ ମଦ୍ୟପାନ କରି କାର୍ଯ୍ୟ କରିବେ ତାହାହେଲେ ଚାଷୀ କାହାକୁ ଭରୋଷା କରିବେ ।ସହ ସହ ଚାଷୀ ଧାନମଣ୍ଡି କୁ ଧାନ ବିକ୍ରି ପାଇ ଆସୁଛନ୍ତି ହେଲେ ଏ ପରି ବ୍ୟକ୍ତ ଙ୍କ ପାଇ ସେମାନେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ଓ ଚାଷୀ ହନ୍ତସନ୍ତ ହେଉଛନ୍ତି ।ଏଣୁ ପ୍ରଶାସନ ଙ୍କୁ ଦାବି କରୁଛନ୍ତି ଚାଷୀ ଏ ପ୍ରକାର ବ୍ୟକ୍ତି କୁ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରାଯାଉ।

# ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ

## ଜଣେ ଯୁଗନାୟକ ଭାବେ ଚିରସ୍ମରଣୀୟ ହୋଇ ରହିବେ ଅଟଳଜୀ



ବାରିପଦା,୩୧/୧୨(ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକଶହ ତମ ଜନ୍ମ ଜୟନ୍ତୀ ଅବସରରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲାପାଳ ହେମକାନ୍ତ ସୟ, ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ଏବଂ କାର୍ଯ୍ୟକ୍ରମର ଆବାହକ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ମଂଚାସୀନ ହୋଇ ଅଟଳ ବିହାରୀ ବାଜପେୟୀ କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନୁହେଁ, ଜଣେ କବି, ସମାଜସେବୀ, ସାମ୍ବାଦିକ ଭାବରେ କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ । ସେହିପରି ସାରା ବିଶ୍ୱରେ ଭାରତକୁ ଏକ ପରମାଣୁ ଶକ୍ତିଯୁକ୍ତ ରାଷ୍ଟ୍ରରେ ପରିଗଣିତ କରାଇବା ପାଇଁ ଅଟଳଜୀଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥି ମାନେ ନିଜନିଜ ବକ୍ତବ୍ୟରେ କହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅନୁଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ମନୋଜ ଦଳବେହେରାଙ୍କ ସଂଯୋଜନାରେ ବହୁ କବି କବୟତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିବା ବେଳେ, ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ. ଏହି ଅବସରରେ ପ୍ରଶାସନ ପକ୍ଷରୁ ଆୟୋଜିତ ଅଟଳ ଫଟୋଚିତ୍ର ପ୍ରଦର୍ଶନୀରେ ଛାତ୍ର ଛାତ୍ରୀ ମାନେ ସୁଶାସନ ଦିବସ ବା ଗୁଡ଼ ଗଭର୍ଣ୍ଣାନ୍ସ ଡେ ବିଷୟ ବସ୍ତୁ ଉପରେ ଆଧାରିତ ଚିତ୍ର ଆଙ୍କି ପୁରସ୍କୃତ କରିଥିଲେ । ସାହିତ୍ୟ ସଂସଦର ସଦସ୍ୟ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡଃ ଶଶିଧର ବିଶ୍ୱାଳ ମଂଚପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ ପାଳିତ




ବାରିପଦା,୩୧/୧୨(ନି.ପ୍ର): ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଜିଲ୍ଲା ଉପନିୟନ୍ତ୍ରକ ବୌଧ ମାପ ବିଜ୍ଞାନ ମୟୂରଭଞ୍ଜ ଏବଂ ସଂକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୁଲ୍ୟରେ ଜ୍ଞାନଦିପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହରେ ଜିଲ୍ଲା ସ୍ତରୀୟ ଜାତୀୟ ଖାଉଟି ଦିବସ ୨୦୨୪ ପାଳିତ ହୋଇଯାଇଛି । ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଜ୍ଞାନଦୀପ କଲେଜର ଅଧ୍ୟକ୍ଷ ଅଶୋକ କୁମାର ସାହୁ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବାରିପଦା ଖାଦ୍ୟ ଯୋଗାଣ ଅଧିକାରୀ ଅନାଦି ଚରଣ ସେଠୀ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିବା ବେଳେ ବାରିପଦା ବୌଧ ମାପ ବିଜ୍ଞାନ ବିଭାଗର ଉପନିୟନ୍ତ୍ରକ ରବୀନ୍ଦ୍ର କୁମାର ମହାପାତ୍ର, ଜାତୀୟ ଖାଉଟି ଦିବସ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଜ୍ଞାନଦୀପ କଲେଜର ଚେୟାରମେନ କ୍ଷୀରଦ ଚନ୍ଦ୍ର ଘୋଷ, ସମ୍ମାନିତ ଅତିଥି ଭାବେ ଡିସିଡିଆରସି ମେମ୍ବର ଜୀବନ କୃଷ୍ଣ ବେହେରା, ଆଇନ କଲେଜର ଅଧ୍ୟକ୍ଷା ଅନାମିକା ସୋରେନ, ଏସିଏଲଏମ ରାଜକିଶୋର ମଲ୍ଲିକ, ରିଲାଏନସ ଫାଉଣ୍ଡେସନ ଜିଲ୍ଲା ପ୍ରକଳ୍ପ ଅଧିକାରୀ ମମତା ବିଷ୍ଟ, ଜରୁରୀ କାର୍ଯ୍ୟାଳୟର ଜଗବନ୍ଧୁ ମହାନ୍ତି, ସମାଜ ସେବୀ କବି ବିଷ୍ଣୁ ଶତପଥୀ,ଜିଲ୍ଲା ଏନଜିଓ ସଂଯୋଜକ ବିବେକାନନ୍ଦ ପଟ୍ଟନାୟକ, ଅଲ ଇଣ୍ଡିଆ ରେଡ଼ିଓର ସତ୍ୟାନନ୍ଦ ଶେଜପଡା ପ୍ରମୁଖ ଯୋଗ ଦେଇ ଖାଉଟି ସୁରକ୍ଷା ଓ ସଚେତନା, ଖାଉଟି ବିବାଦର ପ୍ରତିକାର ବ୍ୟବସ୍ଥା , ନୂତନ ଖାଉଟି ସୁରକ୍ଷା ଆଇନ -୨୦୨୯,୨୦୨୦ ବିଷୟରେ ଆଲୋଚନା କରିଥିଲେ. ଡିସିଏଲଏମ ରବୀନ୍ଦ୍ର କୁମାର ମହପାତ୍ର ଖାଉଟି ସୁରକ୍ଷାର ସଚେତନା ପାଇଁ ସଂକଳ୍ପ ସହଯୋଗରେ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଉପଭୋକ୍ତା ମାନଙ୍କୁ ସଚେତନ କରାଯିବାକୁ ସୂଚନା ପ୍ରଦାନ କରିଥିବା ବେଳେ, ଫୋର୍ଡ ର ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମପୁର ମହାନଗର ରାମଲିଙ୍ଗେଶ୍ୱର ପାର୍କ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ





ବ୍ରହ୍ମପୁର, ୩୧/୧୨(ନି.ପ୍ର): ବ୍ରହ୍ମପୁର ମହାନଗର ରାମଲିଙ୍ଗେଶ୍ୱର ପାର୍କ ଠାରେ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଜୀଙ୍କ ଜନ୍ମ ତିଥି ଅବସରରେ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ର ଶୁଭ ଉନ୍ମୋଚନ କଲେ ଭାରତୀୟ ଜନତା ପାର୍ଟି ର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ । ସମଗ୍ର ବିଶ୍ୱ ରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପ୍ରେମ ଓ ବନ୍ଧୁତ୍ୱ ସ୍ଥାପନ କରି ଶାନ୍ତି ପ୍ରତିଷ୍ଠା କରିବା ଅଟଳ ବିହାରୀ ବାଜପେୟୀଙ୍କ ଏକ ମାତ୍ର ଲକ୍ଷ୍ଯ ଥିଲା, ତାଙ୍କର ୧୦୦ ତମ ଜୟନ୍ତୀ ଅବସରରେ ତାଙ୍କ ଆଦର୍ଶ କୁ ସାକାର କରିବା ଏବଂ ତାଙ୍କର ସ୍ୱପ୍ନ କୁ ସାକାର କରିବା ପାଇଁ ନିଜକୁ ସମର୍ପିତ କରିବା , ଏହି ନିତି ଆଦର୍ଶ ଘରେଘରେ, ପୁରପଲ୍ଲୀ ,ସ୍କୁଲ କଲେଜ ଚାରି ଆଡ଼େ ବର୍ଷ ସାରା ବିଭିନ୍ନ ଢଙ୍ଗରେ ପାଳନ କରିବା ପାଇଁ ଭାରତୀୟ ଜନତା ପାର୍ଟି ନିଷ୍ପତ୍ତି ନେଇଛି ବୋଲି ଶ୍ରୀ ସାମଲ ମତବ୍ୟକ୍ତ କରିଥିଲେ କ୍ଷ ଏଠାରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଅଟଳ ଜୀକଂ ଆଦର୍ଶ କୁ ଶାକାର କରିବା ପାଇଁ ସୁଶାସନ, ଏକତା ଏବଂ ପ୍ରଗତିର ନୀତି କୁ ପ୍ରତିଫଳିତ କରିବା ଉପରେ ଆମ ଦେଶର ସାମର୍ଥ୍ୟ ? ନିର୍ଭର କରେ ଏବଂ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଦିଏ ବୋଲି କହିଥିଲେ ବ୍ରହ୍ମପୁର ବିଧାୟକ ଶ୍ରୀ କେ ଅନିଲ କୁମାରଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଉନ୍ମୋଚନ ସମାରୋହ ରେ ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣ ନାୟକ,ଚିକିଟି ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ ,ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା,ରାଜ୍ଯ ପ୍ରବକ୍ତା ଟି ଗୋପି,ପୂର୍ବତନ ବିଧାୟକ ଶିବ ସାହାଣୀ, ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ବବିତା ପାତ୍ର, ବରିଷ୍ଠ ବିଜେପି ନେତା ସରୋଜ ସାବତ, ବିଷ୍ଣୁ ସୁବୁଦ୍ଧି,ଅଶୋକ ଶୁକ୍ଲା, ପ୍ରଦୀପ ନାୟକ, ଗୌରୀ ସାମନ୍ତରାୟ,ମେୟର ପ୍ରାର୍ଥୀନୀ ସବିତା ସୁଆର ,ବନମାଳୀ ସେଠି, ଅମୂଲ୍ୟ ଚୌଧୁରୀ,ଅହିଂସା ସାହୁ,ପ୍ରବିର ପାତ୍ର, ପୂର୍ବତନ ବିଡିଏ ଅଧକ୍ଷ ଶରତ ପଟ୍ଟନାୟକ, ଆଡଭୋକେଟ ପ୍ରଣୟ ପଟ୍ଟନାୟକ, ବାଳକୃଷ୍ଣ ସାମନ୍ତରାୟ,ପ୍ରଭାତ କିରଣ ଷଡଙ୍ଗୀ, ପ୍ରଭୂ ପାଢୀ, ମନିତା ଦାସ,ସଞ୍ଜୟ ଜେନା, ପତିତ ଗନ୍ତାୟତ, ସୁନୀଲ ପଣ୍ଡା, ବିକ୍ରମ ପଣ୍ଡା ,ଶୁଭମ ସାହୁ,ବୁଢୁ ପାତ୍ର , ଗୋପାଳ ରଥ,ଚିତ୍ତ ରଞ୍ଜନ ସାହୁ, ଲକ୍ଷ୍ମୀକାନ୍ତ ପାତ୍ର, କାହ୍ନା ପାତ୍ର ,ଲୋକନାଥ କର, ଆଶିଷ ଦାସ, ସରୋଜ ଦାସ,ଧର୍ମା ସ୍ୱାମୀ,ଶିବ ଯାଦବ, ଶଙ୍କର ରାଓ ଭିକି ଆଚାରି, ପ୍ରତାପ ସେଠି,ସୁବ୍ରତ ପାଳ,ଅରୁଣ ନାଇଡୁ ଜନତା ପାର୍ଟି ର ବହୁ ବରିଷ୍ଠ ସଦସ୍ୟ /ସଦସ୍ୟା ଓ ବ୍ରହ୍ମପୁର ର ଜନସାଧାରଣ. ଏହି ଅବସରରେ ବିଧାୟକ ଏବଂ ସାଂସଦ ଙ୍କ ଗାନ୍ଧୀ ନଗର କାର୍ଯ୍ୟାଳୟ ଠାରେ ଭାରତୀୟ ଜନତା ପାର୍ଟି ର କାର୍ଯ୍ୟକର୍ତ୍ତା ଙ୍କୁ ଦିଗଦର୍ଶନ ଦେଇଥିଲେ, ଅବିଶ୍ରାନ୍ତ ସତ୍ତ୍ୱେ ବ୍ରହ୍ମପୁର ବାସୀ ବହୁତ ସଂଖ୍ୟାରେ ଯୋଗ ଦେଇ ଥିଲେ ଏବଂ ବହୁତ କମ ଦିନ ଭିତରେ ସୁନ୍ଦର ସୁଉଚ୍ଚ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିବାରୁ ବିଭିନ୍ନ ମହଲରୁ ବିଧାୟକ ଶ୍ରୀଯୁକ୍ତ କେ ଅନିଲ କୁମାର ଙ୍କୁ ପ୍ରସଂଶା ର ସୁଅ ଛୁଟୁଛି।

# ତକତପୁର ଠାରେ ଖୋଲିଲା କେକିସ୍ ବେକରୀ

## ଅଣ୍ଡା ବିହୀନ କ୍ୟାକ୍ ଓ କମ୍ ଦାମରେ ସ୍ୱାସ୍ଥ୍ୟକର ଖାଦ୍ୟର ମଜା ଉଠାଇ ପାରିବେ ଗ୍ରାହକ



ବାରିପଦା, **୩୧/୧୨(ନି.ପ୍ର):** ନୂତନ ବର୍ଷକୁ ଆଖିଆଗରେ ରଖି କେକିସ୍ ବେକରୀ ତାର ନୂତନ ଆଉଟଲେଟ୍ ବାରିପଦାର ତକତପୁର ଠାରେ ଆରମ୍ଭ କରିଛି। ଘନ ଜନବସତି ଓ ବହୁ ଶିକ୍ଷାନୁଷ୍ଠାନ ଓ ଯୁବପିଢ଼ିକୁ ଲକ୍ଷ୍ୟ ରଖି କେକିସ୍ ବେକରୀ ତାର ସପ୍ତମ ଆଉଟଲେଟ୍ ତକତପୁରର ୟୁନିଭରସିଟି ରୋଡ଼ରେ ଶୁଭାରମ୍ଭ କରିଛି। ସମ୍ମାନିତ ଅତିଥି ରୂପେ ବାରିପଦା ପୌରପାଳିକାର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି (ବାଦଲ ଭାଇ) ଯୋଗ ଦେଇ ଫିତା କାଟି ଏହାର ଭବିଷ୍ୟତ କାମନା କରିଛନ୍ତି। ରବିବାର ସନ୍ଧ୍ୟାରେ ଏହାର ଶୁଭାରମ୍ଭ ସମୟରେ ୨୩ ନମ୍ବର ୱାର୍ଡ଼ କାଉନସିଲର ଅନନ୍ତ ଦାସ (ମାନୁ), କେକିସ ବେକରୀର ମାଲିକ ଦିବ୍ୟ ରଞ୍ଜନ ସାହୁ, ଭଞ୍ଜପୁର୍ ଆଉଟଲେଟ୍ ର ମାଲିକ ଆକାଶ କଙ୍କରିଆ, ତକତପୁର ଆଉଟଲେଟ୍ ର ମାଲିକ ସୁବ୍ରତ କୁମାର ଦାସ, ଲିଭ୍ୟା ହୋଟେଲ ମାଲିକ ରମେଶ ଚନ୍ଦ୍ର ସିଂହ (ଭିକି), ବାରିପଦା ୟୁରୋ କିଡ୍ସର ଚେୟାର ପର୍ସନ ସୁନିତା ଘିବେଲା, ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦାସ, ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏଠାରେ କଷ୍ଟମାଇଜ୍ କ୍ୟାକ, ବେକରୀ, ଆଇସକ୍ରିମ, ହଟ୍ ଏଣ୍ଡ କୋଲ୍ଡ ଡ୍ରିଙ୍କସ ସହିତ ଜନ୍ମଦିନର ସମସ୍ତ ଗିଫ୍ଟ ଏଠାରେ ଉପଲବ୍ଧ ରହିବ। ଅଣ୍ଡା ବିହୀନ କ୍ୟାକ୍ ଓ କମ୍ ଦାମରେ ସ୍ୱାସ୍ଥ୍ୟକର ଖାଦ୍ୟର ମଜା ନେଇ ପାରିବେ ଏଠାରେ ଗ୍ରାହକ।

# ଡେରାବିଶ ମହୋତ୍ସବରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ





କେନ୍ଦ୍ରାପଡ଼ା **୩୧/୧୨(ନି.ପ୍ର):** ଆମ ଗାଁ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଡେରାବିଶ ମହୋତ୍ସବରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି କ୍ଷ ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ଜଗଦା ନନ୍ଦ ଜେନା, ମୁଖ୍ୟବକ୍ତାଭାବେ ବିଶିଷ୍ଟ କଥାକାର, ପ୍ରାଧ୍ୟାପକ ଡ. ସର୍ବେଶ୍ୱର ସେଣ ଯୋଗ ଦେଇ ଡେରାବିଶ ତଥା କେନ୍ଦ୍ରାପଡ଼ାର ସାହିତ୍ୟ, ସଂସ୍କୃତି ସମ୍ପର୍କରେ ସୁନ୍ଦର୍ ବର୍ଣ୍ଣନା କରି ସାହିତ୍ୟ ମେହନତି ମଣିଷର କଥା କୁହେ ଏହା ସମାଜର ଦର୍ପଣ ସଦୃଶ ବୋଲି ମତ ରଖିଥିଲେ କ୍ଷ ପ୍ରଥମେ କେନ୍ଦ୍ରାପଡ଼ାର ଶ୍ରୀରାଧା ନୃତ୍ୟ ଅନୁଷ୍ଠାନ ଭାଗ୍ୟଶ୍ରୀ ଷଡଙ୍ଗୀ, ସୌମ୍ୟକ୍ଷ ସାଲୋନି ବେହେରା, ସସ୍ମିତା ସାହୁଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ଇଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ଡେରାବିଶ ସଂସ୍କୃତିକ ସଂଗଠନ ସହ ସମ୍ପାଦକ ଶ୍ରୀ ବିପିନ୍ କୁମାର ସାହୁ ସ୍ୱାଗତ୍ ଭାଷଣ ପ୍ରଦାନ କରିଥିଲେ କ୍ଷ ବରିଷ୍ଠ ଶିକ୍ଷାବିତ୍ କବି ନିକୁଞ୍ଜ ବିହାରୀ ପୃଷ୍ଟି, ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠଉତ୍ସବରେ ସର୍ବଶ୍ରୀ ସତୀର୍ଥ ସମ୍ପାଦକ ମନ୍ମଥ ନାଥ ବରାଳ, ସଭାପତି ଅମର ପ୍ରସାଦ ରାଉତ,ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ ନାରାୟଣ ପତି, ଅଜୟ କୁମାର ପାତ୍ର, ବୃନ୍ଦାବନ ଦାସ, ସହଦେବ ଜେନା,ବାପିନ ମଲ୍ଲ, ଭରତ ଚରଣ ସାହୁ, ରଘୁନାଥ ସାହୁ, ରଞ୍ଜନ ବାଇ, ଅନୀତା ପୃଷ୍ଟି, ଗଗନ ବିହାରୀ ଜେନା,ସଞ୍ଜୟ କୁମାର ମଥାନ, ଅଧର କୁମାର ଜେନା, ସନ୍ତୋଷ ପୋଥାଳ, ମନ ରଞ୍ଜନ ତ୍ରିପାଠୀ, କୈଳାଶ ରାଉତ, ନକୁଳ ଚରଣ ପୃଷ୍ଟି, ନିରାକକ୍ଷର ମଲ୍ଲିକ, ହରିଶ ଚନ୍ଦ୍ର ବାରିକ ପ୍ରମୁଖ ପଚାଶ ଜଣରୁ ଅଧିକ କବି କବିତା ପାଠ କରିଥିଲେ। ଉପ ସଭାପତି ସନ୍ତୋଷ କୁମାର ପୋଥାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଓଡ଼ିଶା କୁ ଆଳୁ ଟ୍ରକ ପ୍ରବେଶ ନେଇ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ଠାରେ ବଙ୍ଗ ପୋଲିସ ହଟହଟା



ଜଳେଶ୍ୱର,**୩୧/୧୨(ନି.ପ୍ର):** ପଶ୍ଚିମବଂଗ ରୁ ଓଡ଼ିଶା କୁ ଆଳୁ ଗାଡି ପ୍ରବେଶ ନେଇ ଅଚଳାବସ୍ଥା ଲାଗି ରହିଛି। ସୂଚନା ଅନୁସାରେ ଆଳୁ କଟକଣା ପରେ, ପଶ୍ଚିମବଂଗ ସୀମାରେ ୨୦/୨୫ ହଜାର ଉକୋଚ ଦେଇ ଆଳୁ ଗାଡି ପ୍ରବେଶ କରୁଅଛି।ସୋମବାର ସନ୍ଧ୍ୟାରେ ଓଡ଼ି- ୦୧ଭି-୯୧୭୦ ଗାଡ଼ି ଉପରେ ଭୁଷି ଓ ଭିତରେ ଆଳୁ ରଖି ଉକୋଚ ଦେଇ ଆସୁଥିବା ବେଳେ ପଶ୍ଚିମବଂଗ ପୋଲିସ ଗୋଡ଼ାଇ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ଠାରେ ଅଟକାଇ ରଖିଥିଲା। ପଶ୍ଚିମବଙ୍ଗ ପୋଲିସ୍ ଗାଡ଼ି କୁ ଫେରେଇ ନେବା ଲାଗି ଚେଷ୍ଟା କରୁଥିବାବେଳେ, ଜଳେଶ୍ୱର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଳୁ ଟ୍ରକ କୁ ଓଡ଼ିଶା ନେଇଯାଇଥିଲେ। ବେଙ୍ଗଲ ସୀମାରେ ହେଲ୍ପର କୁ ଉଠାଇ ନେବା ସହିତ ଚାଳକର ମୋବାଇଲ ଓ ଗାଡ଼ି କାଗଜପତ୍ର ଛଡ଼ାଇ ନେଇ ଥିବା ଅଭିଯୋଗ ହୋଇଛି। ଫଳରେ ମାଡ଼ ଭୟରେ ଚାଳକ ରତ୍ନାକର ଜେନା ଟ୍ରକ କୁ ଓଡ଼ିଶା ସୀମା ଭିତରକୁ ପ୍ରବେଶ କରେଇଥିଲେ।କେତେକ ସ୍ଥାନୀୟ ଗ୍ରାମବାସୀ ଓ ବ୍ରୋକର ବଙ୍ଗଳା ପୋଲିସ କୁ ଓଡ଼ିଶା ପ୍ରବେଶ ନେଇ କଟୁ ସମାଲୋଚନା କରିବା ସହିତ ପୋଲିସ ଭ୍ୟାନ ର ଜରୁରୀ କାଗଜପତ୍ର ନଥିବା ଅଭିଯୋଗ ଆଣିଥିଲେ। ଏହା ସହିତ ଦୀର୍ଘ ସମୟଧରି ୨ଟି ପୋଲିସ ଗାଡ଼ି କୁ ଅଟକାଇବା ସହିତ, ପଶ୍ଚିମବଂଗ ଗଲେ ହଇରାଣ ହରକତ ଓ ଫାଇନ୍ କରୁଥିବା ଘୋର ଅଭିଯୋଗ ଆଣିଥିଲେ।ଧାନ, ଆଳୁ ଓ ବିଭିନ୍ନ ଚାଲାଣ କୁ ନେଇ ସୀମାନ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପରିଲକ୍ଷିତ ହେଉଛି।

# ପୁଣି ଶିମିଳିପାଳରୁ ୧୩ ଶିକାରୀ ଗିରଫ



ବାରିପଦା **୩୧/୧୨(ନି.ପ୍ର):** ଶିକାର ମୁକ୍ତ ଶିମିଳିପାଳ ଏବଂ ଜୀବଜନ୍ତୁ ଙ୍କ ଗତି ବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା ଟ୍ରାପ କ୍ୟାମେରା ପୁଣି ଶିମିଳିପାଳରେ ୧୩ଜଣ ଶିକାରୀଙ୍କୁ ଧରାଇ ଦେଇଛି. ଗିରଫ ହୋଇଥିବା ଶିକାରୀମାନେ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ରାଣିଭୋଳ ଗ୍ରାମର ହରି ବନସିଂହ, ଚନ୍ଦ୍ର ମୋହନ ସୟ, ଧନେଶ୍ୱର ସୟ , ବୁଧୁରାମ ସିଜୁଇ, ଅଁଳାକଟା ଗ୍ରାମର ବିଜୟ ବଦ୍ରା, ହିନ୍ଦୁରାମ ବଦ୍ରା , ଜୟରାମ ବଦ୍ରା , ଖେଜୁରୀ ବଦ୍ରା , ମଙ୍ଗଳ ବଦ୍ରା, ଦୁଧିଆଣି ଗ୍ରାମର ଦୁମ୍ବୀ ଗୁଣ୍ଡୁଆ, ପାଗୁ ମାରାଣ୍ଡି , ମଙ୍ଗଳ ଅଲଦା , ଏବଂ ରାମଯୋଡି ଗ୍ରାମର ଗୁରୁଚରଣ କେରାଇ ବୋଲି ଜଣାଯାଇଛି। ଏମାନେ ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ କୋର ଅଞ୍ଚଳରେ ପ୍ରବେଶ କରିଥିଲେ. କ୍ୟାମେରାରେ ଏମାନଙ୍କ ଚିତ୍ର କଏଦ ହେବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏକ ଟିମ ଏହି ଶିକାରୀ ମାନଙ୍କୁ ଗିରଫ କରା ଯାଇ କୋର୍ଟ ଚାଲାଣ କରାଯାଇଛି. ଚଢ଼ାଉ ବେଳେ ଗୋଟିଏ ବନ୍ଧୁକ, ୧୩ଟି ଧନୁ, ୩୩ଟି ତୀର ଆଦି ଜବଦ କରାଯାଇଛି।

# ଗୀତିକାର ସାବିତ୍ରୀ ମଲ୍ଲିକ ସମ୍ବର୍ଦ୍ଧିତ

ଦଶରଥପୁର,୩୧/୧୨(ନି.ପ୍ର) : ଯାଜପୁର ଜିଲ୍ଲା ଦଶରଥପୁର ଅଞ୍ଚଳର ଜଣାଶୁଣା ଗୀତିକାର ତଥା କବୟିତ୍ରୀ ସାବିତ୍ରୀ ମଲ୍ଲିକଙ୍କୁ ରବିବାର ଭୁବନେଶ୍ୱର ସ୍ଥିତ ମଦର୍ଶ ପବ୍ଲିକ ସ୍କୁଲ ପରିସରରେ 'ଅନନ୍ୟା କବି ମଞ୍ଜୁଳ' ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ଅଧକ୍ଷ ନାରାୟଣ ଚନ୍ଦ୍ର ସେନାପତି,ସଭାପତି ନୃସିଂହ ଚରଣ ସେନାପତି, ଉଦଘାଟକ ବରିଷ୍ଠ କବି ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟ ଅତିଥି ସମାଜସେବୀ ଶଶଧର ପଣ୍ଡା, ମୁଖ୍ୟବକ୍ତା ସୌମ୍ୟଶ୍ରୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ସଂସ୍କୃତି କଳା ପରିଷଦର ଅଧକ୍ଷ ଲକ୍ଷ୍ମୀଧର ସାହୁ,ନିର୍ବାଚନ ସହ ସଚିବ ପ୍ରମୋଦ କୁମାର ସାହୁ ସାବିତ୍ରୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ମଲ୍ଲିକଙ୍କୁ ବିଭିନ୍ନ ଅନୁଷ୍ଠାନ ସମେତ ଦଶରଥପୁର ଅଞ୍ଚଳର ସାହିତ୍ୟିକ,ବୁଦ୍ଧିଜୀବୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ୟାମନଗରର ଆଦିବାସୀ କ୍ଲବର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଜଳେଶ୍ୱର,**୩୧/୧୨(ନି.ପ୍ର):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ପଂଚାୟତ ରଘୁନାଥପୁର, ଗରୁଡବସା ଗ୍ରାମର ଆଦିବାସୀ ଯୁବକ ମାନଙ୍କୁ ନେଇ ଗଠିକ ଡ୍ରମାଟିକ୍ କ୍ଲବ ଆନୁକୂଲ୍ୟରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ୨ ଦିନିଆ ଫୁଟବଲ ଟୁର୍ଣ୍ଣମେ ରେ ଓଡିଶା ଓ ପଶ୍ଚିମବଂଗର ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲା ବେଳେ,ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା।ପଶ୍ଚିମ ମେଦିନୀପୁର ଜିଲ୍ଲାର ଗୋପାଳପୁର ଟିମ୍ ଓଡିଶାର ଡେମ୍ବୁରବଣି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋପାଳପୁର ଏକାଦଶ ଡେମ୍ବୁରବଣୀ ଏକାଦଶକୁ ହରାଇ ବିଜେତା ହୋଇଥିଲେ । ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଂଚ ମନୋଜ ସାସମଲ ଯୋଗ ଦେଇ ବିଜେତା ଓ ରନର୍ସଅପ୍ ଟିମ୍‌କୁ ସିଲ ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ବସନ୍ତ ହାଁସଦା, ଚନ୍ଦ୍ରମୋହନ ହାଁସଦା, କରନ ହେମ୍ବ୍ରମ, ଗଂଗାରାମ ହେମ୍ବ୍ରମ, ସାମଲ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ, ସୁପାଇଁ ହେମ୍ବ୍ରମ, ଜୟରାମ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଧାନ ଅମଳରେ ଚାଷୀ ଙ୍କ ପ୍ରଥମ ପସନ୍ଦ ଟ୍ରାଇସ୍ତାନ ହାରଭେଷ୍ଟର



ଜଳେଶ୍ୱର,**୩୧/୧୨(ନି.ପ୍ର):**ଧାନ ଅମଳରେ ଟ୍ରାଇସ୍ତାନ ହାରଭେଷ୍ଟର ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବାରୁ ଆଜି ଚାଷୀଙ୍କ ଚାହିଦାକୁ ଲକ୍ଷ୍ୟକରି ଜଳେଶ୍ୱର ସହରତଳି ଆମ୍ବଳିଅଠା ନିକଟ ରାଜ ରାଜପଥ ନିକଟରେ ଏକ ସୋ ରୁମ୍ ଉଦ୍‌ଘାଟିତ ହୋଇଛି । ଏହାକୁ ପୂର୍ବତନ ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ପଂଜାବ ନେସନାଲ ବ୍ୟାଙ୍କ ଜଳେଶ୍ୱର ଶାଖା ପରିଚାଳକ ଚନ୍ଦନ ମଲ୍ଲିକ, କାନାରା ବ୍ୟାଙ୍କ ଶାଖା ପରିଚାଳକ ସୁମନା ରାୟ, କମ୍ପାନୀ ମୁଖ୍ୟ ଦିଲ୍ଲିପ ପଣ୍ଡା, ସମାଜସେବୀ ନିତ୍ୟାନନ୍ଦ ଦାସ, ମହିଳା ଚାଷୀ ସବିତାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ହାର୍ବେଷ୍ଟର ର କାର୍ଯ୍ୟ କାରିତା, ସୁବିଧା,ରିହାତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ସୋ ରୁମ୍ ?ର ମାଲିକ ରାମଚନ୍ଦ୍ର ପ୍ରଧାନ ଯୋଗଦେଇ ଧାନ ଅମଳରେ ଟ୍ରାଇସ୍ତାନ ହା ?ଭେଷ୍ଟର ଚାଷୀଙ୍କ ପ୍ରଥମ ପସନ୍ଦ ଓ ଦ୍ରୁତ ଗତିଶୀଳ ବୋଲି କହିଥିଲେ । ଏହି ସୋ ରୁମ୍ ?ର ନାମ ଓମ୍ ମଟର୍ସ ରଖାଯାଇଥିଲା ବେଳେ ଭୋଗରାଇ ର ପ୍ରଥମ ଗ୍ରହକ ସବିତାରାଣୀ ଦାସ ଙ୍କୁ ଅତିଥି ଙ୍କ ହସ୍ତରେ ବ୍ୟାଙ୍କ ପକ୍ଷରୁ ଚେକ୍ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପଶୁପତି ଦାସ, ଜଗଦୀଶ ଦାସ, ଶ୍ରୀହରୀ ଚୌହାନ ଉପସ୍ଥିତ ଥିବା ବେଳେ, ୨୦୨୦ମସିହାରୁ ଏହି ହାରଭେଷ୍ଟର ଓଡିଶା ସହିତ ୬ଟି ରାଜ୍ୟ ଭଲ ବ୍ୟବସାୟ କରୁଛି ବୋଲି କମ୍ପାନୀ ମୁଖ୍ୟ ଦିଲ୍ଲିପ ପଣ୍ଡା କହିଛନ୍ତି ।କାର୍ଯ୍ୟକ୍ରମକୁ ମ୍ୟାନେଜର ଶିବନାରାୟଣ ମିଶ୍ର, ବିକାଶ ପ୍ରଧାନ, ପ୍ରକାଶ ପ୍ରଧାନ କରିଚାଳନା କରିଥିଲେ।

# ବାଣୀପୀଠ ମହୋତ୍ସବ ଉଦ୍‌ଯାପନ ଅବସରରେ ରାଜ୍ୟସ୍ତରୀୟ କବି, ଲେଖକ ସମ୍ମେଳନ ଓ କବିତା କୁସୁମାଞ୍ଜଳି

ବଡ଼ସାହି **୩୧/୧୨(ନି.ପ୍ର):** ସ୍ଥାନୀୟ ବିବେକାନନ୍ଦ ବିହାର ଠାରେ ଚାଲିଥିବା ୪୫ତମ ବାଣୀପୀଠ ମହୋତ୍ସବ ଉଦ୍ ?ଯାପନ ଅବସରରେ ସକାଳେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ 'କବିତା କୁସୁମାଞ୍ଜଳୀ'ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୮ ଘଟିକାରେ ପ୍ରଥମେ ଡ଼କ୍ଟର ତ୍ରିନାଥ ପଟ୍ଟନାୟକ ସାରସ୍ୱତ ପତାକା ଉତ୍ତୋଳିତ କରିଥିଲେ। ସାରସ୍ୱତ ପତାକାର ଇତିହାସ ସଂପକରେ ବୟଜେଷ୍ଠ କବି ବିପିନ ବିହାରୀ ମହାନ୍ତି ମତବ୍ୟକ୍ତ କରିଥିଲେ। ମା' ନିଶାମଣି ରାଉତ ଜ୍ଞାନ ଜ୍ୟୋତି ପ୍ରଜ୍ଜଳନ କରିଥିବା ବେଳେ ସୋନାକ୍ଷି ଗୁରୁମା, ଲକ୍ଷ୍ମୀପ୍ରିୟା, ଆଦ୍ୟାଶା, ଶିବାନୀ ଓ ମନିଷାଙ୍କ ଦ୍ୱାରା ପ୍ରତିଭା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ତତ୍ତ୍ୱାବଧାନରେ କବିତା କୁସୁମାଞ୍ଜଳୀ ଆରମ୍ଭ ହୋଇଥିଲା। ସଚୀନ୍ଦ୍ର କୁମାର ବିଶ୍ୱାଳ, ବଙ୍କିମ ଚନ୍ଦ୍ର ବାରିକ ଓ ଡକ୍ଟର ସ୍ୱାଗତିକା ସାହୁ ମଞ୍ଚ ପରିଚାଳ କରିଥିବାବେଳେ କବିତା ସଂଯୋଜନା କବି ସନ୍ନ୍ୟାସୀ ପାତ୍ର, କବି ନମିତା ରାଉତ କରିଥିଲେ ଉକ୍ତ ସଭାରେ ରାଧାମାଧବ ରଥ ଅଧ୍ୟକ୍ଷତା କରିଥିଲେ କ୍ଷ ମୁଖ୍ୟଅତିଥି ଭାବେ ଡଃ ସ୍ୱର୍ଣ୍ଣଲତା ଲେଙ୍କା ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଝାରସୁଗୁଡାର କବି ଡକ୍ଟର ପ୍ରିୟମ୍ବଦା ଦାସ ଯୋଗଦାନ କରି



ଥିଲେ। ଆଦରଣୀୟ ଅତିଥିଭାବେ ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନୀର ସଂପାଦକା ସୌରିନ୍ଦ୍ରୀ ସାହୁ, ପରିବେଶବିତ୍ ସ୍ୱରାଜ କହଁର, ଡୋଳାମଣି ଶତପଥି ଓ ସତ୍ୟବ୍ରତ ମିଶ୍ର ଯୋଗଦାନ କରିଥିଲେ। ସେହିପରି ରାଜ୍ୟ ସ୍ତରୀୟ କବି, ଲେଖକ ଓ କଳାକାର ସମ୍ମେଳନ ଆସରରେ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ପ୍ରମିଳା ପଣ୍ଡା ଯୋଗଦାନ କରି ସାହିତ୍ୟ ଗ୍ରାମାଞ୍ଚଳ ମୁଖି ହେବା ଆବଶ୍ୟକ କାରଣ ଗାଁରେ ହିଁ ପ୍ରକୃତ ସାହିତ୍ୟ ଏବେବି ବଂଚ଼ିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ଼କ୍ଟର ଭରତ ଚନ୍ଦ୍ର ଦାଶ ଓ ଆଦରଣୀୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ସମୟଚକ୍ରର ସଂପାଦକ ସର୍ବେଶ୍ୱର ଜେନା, ରାଷ୍ଟା ଡିଗ୍ରୀ କଲେଜର ଅଧକ୍ଷା ଡ଼କ୍ଟର ଅସୀମା ସାହୁ ଓ ମୋ ଅନୁଷ୍ଠାନ ସଂପାଦକ ନରେନ୍ଦ୍ର ପ୍ରସାଦ ବେହେରା ଯୋଗଦାନ କରି ସାହିତ୍ୟ ଓ କବିତା କିଭଳି ଭାବେ ଦୀର୍ଘଜିବୀ ହେବ ସେ ସଂପର୍କରେ ଭିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ଆମ ଗାଁ ମକର ସାହିତ୍ୟ ପତ୍ରିକା ପଲ୍ଲୀପ୍ରଭା ଓ ମାସିକ ଶିଶୁ ପତ୍ରିକା ଆମ ସୁନାଚାନ୍ଦ ଉନ୍ମୋଚିତ ହୋଇ ଥିଲା । ଅନୁଷ୍ଠାନର ସଂପାଦିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅତିଥି ପରିଚୟ ଶିବଶଙ୍କର ଭୂୟାଁ ଓ ଧନ୍ୟବାଦ ଅର୍ପଣ ଶାନ୍ତିପ୍ରବୀର ରାଉତ କରିଥିଲେ। ରାଜ୍ୟର ସବୁ ଜିଲ୍ଲାର ଆସିଥିବା ପ୍ରତିଭାଧର ସାରସ୍ୱତ ସାଧକଙ୍କୁ ସମ୍ମାନୀତ କରାଯାଇଥିଲା।

# ଏମକେସି ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ




ବାରିପଦା **୩୧/୧୨(ନି.ପ୍ର):** ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସଙ୍କ ଅଧକ୍ଷତାରେ ବିଦ୍ୟାଳୟର ବିଜ୍ଞାନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି. ଏହି ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଏବଂ ଅତୁଟ ବନ୍ଧନ ସଂସ୍ଥାର ପ୍ରତିଷ୍ଠାତା ପ୍ରିତିଶ ବସା ବିଶେଷ ଅତିଥି ଭାବେ ଯୋଗଦେଇ ସଂସଦ ମାଧ୍ୟମରେ ଏହି ଶତାୟୁ ବିଦ୍ୟାଳୟର ପୁରାତନ ଛାତ୍ର ମାନେ ଯୋଡ଼ି ହୋଇ ବିଦ୍ୟାଳୟର ସର୍ବାଙ୍ଗୀନ ଓ ସମନ୍ୱିତ ଉନ୍ନତି କରଣ ନିମନ୍ତେ ବିଭିନ୍ନ ବିକାଶ ମୂଳକ ଯୋଜନାରେ ସାମିଲ ହେଉ ଥିବାରୁ ଭୂୟସୀ ପ୍ରଶଂସା କରି ଥିଲେ. ସଂପାଦକ ରଞ୍ଜନ ବାନାର୍ଜୀ ବାର୍ଷିକ ବିବରଣୀ ପାଠ କରିଥିଲେ. ସଂସଦର ଉପସଭାପତି ଡ. ଅକ୍ଷୟ କୁମାର ଅଗ୍ରୱାଲ ଓ ବରିଷ୍ଠ ସଦସ୍ୟ ଡ. ସୁଶାନ୍ତ କୁମାର ପାତ୍ର, ପ୍ରଦୀପ କିଶୋର ମହାନ୍ତି, ରବୀନ୍ଦ୍ର ନାଥ ସାହୁ, ମାନସ ରଞ୍ଜନ ଦାଶ, ଶାନ୍ତନୁ ପାଢ଼ୀ ଓ ଅମିତାଭ ମିଶ୍ର ପ୍ରମୁଖ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଆରମ୍ଭ ହୋଇ ଥିବା ବିଦ୍ୟାଳୟର ଆନ୍ତଃ କ୍ଲାସ ଫୁଟବଲ ପ୍ରତିଯୋଗିତା, ପୂର୍ଣ୍ଣଚନ୍ଦ୍ର ମେମୋରିଆଲ କପର ପୁନଃ ସ୍ଥାପନ , ବିଦ୍ୟାଳୟର ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଫୁଟବଲ କିମ୍ବଦନ୍ତୀ ସ୍ୱର୍ଗତ ବ୍ରଜ ସୁନ୍ଦର ଦାଶଙ୍କ ସ୍ମୃତିରେ ଟ୍ରଫି ପ୍ରଦାନ ଓ ଅନ୍ୟାନ୍ୟ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରାଯାଇଛି. ସଂସଦ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବର ସ୍ମାରକ ପତ୍ର ମୁଖ୍ୟ ଅତିଥି ମନ୍ତ୍ରୀ ମହୋଦୟଙ୍କ ଜରିଆରେ ପ୍ରଦାନ କରାଯାଇ ଥିଲା ଓ ସେ ଏ ଦିଗରେ ଆବଶ୍ୟକୀୟ ସହଯୋଗ କରିବେ ବୋଲି ମତ ବ୍ୟକ୍ତ କରିଥିଲେ। ସମାରୋହରେ ବିଦ୍ୟାଳୟର ଯୁବ ଶିକ୍ଷକ ଶାନ୍ତନୁ ଦାସଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନୀତ କରାଯାଇଥିଲା। ଶେଷରେ ସଂସଦର ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରି ଥିଲେ।

# ୬୫ ବର୍ଷୀୟ ବୃଦ୍ଧା ପାର୍ବତୀଙ୍କୁ ନିକିରାଇ ଥାନା ପୋଲିସ ନ୍ୟାୟ ଦେବାରେ ବିଫଳ



କେନ୍ଦ୍ରାପଡା, **୩୧/୧୨(ନି.ପ୍ର):**କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମର ଜଣେ ୬୫ ବର୍ଷିଆ ନୀରାଶୟ ବୃଦ୍ଧା ମହିଳାଙ୍କ ଜମି ସେହି ଗ୍ରାମର ଜଣେ ମୃଷ୍ଟିମୟ ଲୋକ ଯୋର ଜବରଦସ୍ତ ନିଜ ଅକ୍ତିଆରକୁ ନେଇ ସେଠାରେ ଘର ତିଆରି କରୁଛନ୍ତି । ବୃଦ୍ଧା ପାର୍ବତୀ ଉକ୍ତ ବ୍ୟକ୍ତିଙ୍କୁ ବିରୋଧ କରିବାରୁ ଉକ୍ତ ବ୍ୟକ୍ତି ବୃଦ୍ଧାଙ୍କୁ ବାରମ୍ବାର ଅଶିଳ ଭାଷାରେ ଗାଳି ଗୁଲଜ କରିବା ସହିତ ମାଡ ଗାଳି ମଧ କରୁଥିବାରୁ ବୃଦ୍ଧା ପାର୍ବତୀ ଦାସ ଏ ବିଷୟରେ ନିକିରାଇ ଥାନାରେ ପହଞ୍ଚି ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି । ନିକିରାଇ ଥାନା ପୋଲିସ୍ ଉକ୍ତ ଅଭିଯୋଗକୁ ଆଧାରକରି କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ବୃଦ୍ଧା ପାର୍ବତୀ ନିରୁପାୟ ହୋଇ କୋର୍ଟର ଆଶ୍ରୟ ନେଇଥିଲେ । ମାନ୍ୟବର କୋର୍ଟ ମଧ ନିକିରାଇ ପୋଲିସକୁ ଉକ୍ତ ଘଟଣାବଳୀ ବିଷୟରେ ତଦନ୍ତ କରି କୋର୍ଟକୁ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶାବଳୀ ଜାରୀ କରିଥିଲେ ନୀୟାଳୟ। ପୋଲିସ ମଧ ତଦନ୍ତ କରି ରିପୋର୍ଟ ନୀୟାଳୟରେ ଦାଖଲ କରି ଚୁପ ଚାପ ବସି ରହିଥିଲେ । ପରେ ପୁନରାୟ ନିୟାଳୟ ଉକ୍ତ ବିବାଦୀୟ ଜାଗା ଉପରେ ୧୪୪ ଧାରା ପାଇଁ ନିକିରାଇ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ପାର୍ବତୀଙ୍କ କହିବା ଅନୁଯାୟୀ ନିକିରାଇ ଥାନା ପୋଲିସ୍ ଉକ୍ତ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇବାକୁ ଯାଇ ତାଙ୍କଠାରୁ ମୋଟା ଅଙ୍କର ଲାଞ୍ଚ ଖାଇ ୧୪୪ ଧାରା ନିର୍ଦ୍ଦେଶନାମାକୁ ଉକ୍ତ ଜମି ଉପରେ ଜାରୀ ନକରି ବୃଦ୍ଧାଙ୍କୁ ନ୍ୟାୟ ନ ଦେଇ ଓଲଟି ଥାନାକୁ ସେ ଯେତେବେଳେ ଯାଉଛନ୍ତି ତାଙ୍କୁ ନିକିରାଇ ପୋଲିସ ଗାଳି ଗୁଲଜ ଦେଇ ଥାନାରୁ ତଡି ଦେଉଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ବୃଦ୍ଧା । ବୃଦ୍ଧା ଜଣଙ୍କ ଗଣମାଧମ ପ୍ରତିନିଧିଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିକ୍ରିୟାରେ କାନ୍ଦି କାନ୍ଦି ବୃଦ୍ଧା କହିଥିବା ଜଣାପଡିଛି । ତେବେ ଏଠି ପ୍ରଶ୍ନ ଉଠୁଛି ଯେ - ଜଣେ ବୃଦ୍ଧା ମହିଳାଙ୍କୁ କେବେ ନିକିରାଇ ପୋଲିସ୍ ଦେଉଛି ନ୍ୟାୟ ଖାଲି ଯାହା ଦେଖିବାକୁ ବାକି ରହିଲା ।

# ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ତ୍ରିରଙ୍ଗା ଏଫସି ଚମ୍ପିୟାନ

ବଡସାହି,୩୧/୧୨(ନି.ପ୍ର):ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ଅଙ୍ଗାରଗଡିଆ ଗ୍ରାମର ଏ.ଜି ୟୁଥ କ୍ଲବ ଆନୁକୂଲ୍ୟରେ ଏକ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉନ୍ନତ ଖେଳ ପ୍ରଦର୍ଶନ କରି ଗୁନୁ ଏଫସି ଫୁଟବଲ ଦଳ, ବଇଁଚା ଓ , ତ୍ରିରଙ୍ଗା ଏଫସି, ବୈଶିଙ୍ଗା ଫୁଟବଲ ଦଳ ଫାଇନାଲକୁ ଉନ୍ନିତ ହୋଇଛନ୍ତି। ସଂଘର୍ଷପୂର୍ଣ୍ଣ ଖେଳରେ ତ୍ରିରଙ୍ଗା ଏଫସି ଦଳ ୧-୦ଗୋଲରେ ବିଜୟୀ ହୋଇ ଚଳିତ ବର୍ଷ ଚମ୍ପିୟାନ ହୋଇଛି । ଚମ୍ପିୟାନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିବା ପାଇଁ ଏକ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷକ ରାମହରି ହାଁସଦା ସଭାପତିତ୍ୱ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବଡସାହି ବ୍ଲକ ବିଜୁ ଯୁବ ଜନତା ଦଳର ତଥା ଦେଉଳିଆ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ମୂଖ୍ୟବକ୍ତା ଭାବେ ଚନ୍ଦନପୁର ସରପଞ୍ଚ ହରିଶ୍ଚନ୍ଦ୍ର ମୁର୍ମୁ, ସମ୍ମାନୀତ ଅତିଥି ଭାବେ ୱାର୍ଡ ମେମ୍ବର ଦଲକା ସିଂ ପ୍ରମୁଖ ଯୋଗ ଦେଇ କ୍ଲବ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଚମ୍ପିୟାନ ଓ ରନର୍ସଅପ ଟିମକୁ ପୁରଷ୍କୃତ କରିଥିଲେ । ପ୍ରାରମ୍ଭରେ ଘନଶ୍ୟାମ ସିଂକାହୁ ମୁର୍ମୁ ଏହି ଖେଳର ଶୁଭ ଉଦଘାଟନ କରିଥିଲେ। କ୍ଲବ ପକ୍ଷରୁ ସଭାପତି ରବି ମୁର୍ମୁ ସମ୍ପାଦକ ଅନନ୍ତ ହାଁସଦା, ରବି ହାଁସଦା, ଦୀନବନ୍ଧୁ ମୁର୍ମୁ ଓ ପପୁ ସିଂଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଛନ୍ତି।

## ସଂ ପା ଦ କୀ ୟ

# ବିଦାୟ ମନମୋହନ

ଏହା ସତ ନୁହେଁ କି ଯେ ଏକ ଅତିକାୟ ଚିତ୍ରକୁ ଅତି ନିକଟରୁ ଦେଖିଲେ ତାହା କେବଳ କିଛି ରେଖା ଓ ରଙ୍ଗର ସମାହାର ଭଳି ପ୍ରତୀତ ହୋଇଥାଏ ଏବଂ ପୂର୍ଣ୍ଣାଙ୍ଗ ଚିତ୍ରଟି କେବଳ ଦୂରରୁ ହିଁ ଦିଶିଯାଏ? ସେହିଭଳି ଭବିଷ୍ୟତରେ ସମୟର ପଶ୍ଚାତ୍? ଦୃଷ୍ଟିରେ ସ୍ୱର୍ଗତ ମନମୋହନ ସିଂହ ଓ ତା?ଙ୍କ ଅତିକାୟ ଉପଲବ୍?ଧିର ସଂପୂର୍ଣ୍ଣ ଚିତ୍ର ନିଶ୍ଚିତ ଭାବେ ଦେଖାଯାଇପାରିବ, ଯାହା ଏବେ କଳିବା ହୁଏତ ସମ୍ଭବ ହେଉନାହିଁ! ସୁତରାଂ, ଇତିହାସ ତାଙ୍କ ପ୍ରତି ସଦୟ ହେବ!?ଯେଉଁ ଭାରତୀୟମାନେ ପ୍ରତ୍ୟକ୍ଷ ରାଜନୀତିର ଅଂଶବିଶେଷ ହୋଇ ନ ଥିଲେ ସୁଦ୍ଧା ଅନେକ ସମୟରେ ବିଦଗ୍?ଧ ଆଲୋଚନା କାଳରେ ସାମାନ୍ୟ ବିରକ୍ତିର ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ 'ମଉନ ମୋହନ' ବୋଲି ତିର୍ଯ୍ୟକ୍? ମନ୍ତବ୍ୟମାନ ଦେଇ ଆସୁଥିଲେ, ସେମାନେ ଏବେ ବ୍ୟଥିତ ହେଉଥିବେ, କାରଣ ସ୍ୱଳ୍ପଭାଷୀ ମନମୋହନ ସିଂହଙ୍କ ମୁହଁରୁ ବେଳ ଅବେଳରେ ଜ୍ଞାନ ଓ ପ୍ରଜ୍ଞାର ମୁକ୍ତାମାନ ଝରିବାର ଯେଉଁ ଟିକକ ସମ୍ଭାବନା ଥିଲା, ତାହା 'ଚିର ନିରବତା'ର ଆବର୍ତ୍ତ ମଧ୍ୟରେ ସତ୍ତା ହରାଇଲା। ବୟାନବେ ବର୍ଷ ବୟସରେ ଗଲା ଗୁରୁବାର ରାତିରେ ସେ ପରଲୋକ ଗମନ କଲେ। ତାଙ୍କର ମହାପ୍ରସ୍ଥାନ ପରେ ପଶ୍ଚାତ୍? ଦୃଷ୍ଟିରେ ଦିଶିଯାଉଛି ଯେ ଯେ ତର୍କପ୍ରବଣ ଭାରତୀୟ (ଆର୍ଗୁମେଣ୍ଟଟିଭ ଇଣ୍ଡିଆନ୍)ମାନଙ୍କ ତୀବ୍ର କୋଳାହଳମୟ ରାଜନୀତି ପ୍ରାଙ୍ଗଣରେ ତାଙ୍କ ଅନୁଚ୍ଚ ସ୍ୱର ନିରର୍ଥକ ଯାଉ ନ ଥିଲା, ଶ୍ରୁତିଗୋଚର ହେଉଥିଲା ଓ ରାଷ୍ଟ୍ରର ଗତିପଥ ନିର୍ଣ୍ଣୟ କରୁଥିଲା ଏବଂ ଅନେକ ସମୟରେ ହୃଦୟ ମଧ୍ୟ ସ୍ପର୍ଶ କରୁଥିଲା। ପାଞ୍ଚ ବର୍ଷ ଲାଗି ଦେଶର ଅର୍ଥମନ୍ତ୍ରୀ ଓ ଦଶ ବର୍ଷ ସକାଶେ ପ୍ରଧାନମନ୍ତ୍ରୀ ହୋଇଥିବା ସତ୍ତ୍ୱେ ଡକ୍ଟର ମନମୋହନ ସିଂହଙ୍କୁ ଜଣେ ରାଜନେତା ଭାବେ ବର୍ଣ୍ଣିବା ହୁଏତ ସମୀଚୀନ ହେବ ନାହିଁ, ବରଂ କହି ହେବ ଯେ ସେ ଥିଲେ ଜଣେ ପ୍ରଚଣ୍ଡ ବିଦ୍ୱାନ ଓ ଦୂରଦୃଷ୍ଟିସଂପନ୍ନ ରାଷ୍ଟ୍ରନେତା, ପ୍ଲାଟୋଙ୍କ ଭାଷାରେ ହୁଏତ ଜଣେ 'ଫିଲୋସଫର କିଙ୍ଗ୍?' ବା 'ଦାର୍ଶନିକ ରାଜା'। ଅଥଚ, ବିଡ଼ମ୍ବନା ହେଲା, ଚଳନ୍ତି ରାଜନୀତିର ମାଇକ୍ରୋସ୍କୋପ୍? ଦ୍ୱାରା ପରୀକ୍ଷିତ ନିରୀକ୍ଷିତ ହୋଇ ସେ ଏଭଳି ବ୍ୟଙ୍ଗାତ୍ମକ ବିଶେଷଣମାନ ଅର୍ଜିଥିଲେ, ଯାହା ତାଙ୍କ ଲାଗି ନ୍ୟ??ାୟସଙ୍ଗତ ନ ଥିଲା। ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଏକଦା ଘନିଷ୍ଠ ସହଯୋଗୀ ଥିବା ପ୍ରଖ୍ୟାତ ନୀତି ସମୀକ୍ଷକ ସଞ୍ଜୟ ବାରୁଙ୍କ ପୁସ୍ତକ 'ଦ ଏକ୍?ସିଡେଣ୍ଟାଲ ପ୍ରାଇମ୍? ମିନିଷ୍ଟର' (ଦୈ?ବାତ୍ ପ୍ରଧାନମନ୍ତ୍ରୀ) ପ୍ରକାଶିତ ହେବା ପରେ ତାହା ତତ୍?କାଳୀନ ବିଜେପି ହାତରେ କଂଗ୍ରେସ ଶିକାରର ଏକ ବଡ଼ ଅସ୍ତ୍ର ଭାବେ ବ୍ୟବହୃତ ହୋଇଥିଲା, କାରଣ ସେହି ପୁସ୍ତକରେ କୁହାଯାଇଥିଲା କିଭଳି ପ୍ରଧାନମନ୍ତ୍ରୀ ଥିବା ସତ୍ତ୍ୱେ ଡକ୍ଟର ମନମୋହନ ସିଂହ ବସ୍ତୁତଃ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବଶମ୍ବଦ ହୋଇ ପଡ଼ିଥିଲେ! ଏହା ସ୍ମରଣରେ ଅଛି ଯେ ୨୦୦୪ ମସିହାରେ କଂଗ୍ରେସ ନେତୃତ୍ୱାଧୀନ 'ୟୁପିଏ'ର ବିଜୟ ପରେ ସୋନିଆ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ଲାଗି ପଥ ଉନ୍ମୋଚିତ ହୋଇ ଯାଇଥିଲା। କିନ୍ତୁ, ତାଙ୍କର ଇତାଲୀୟ ବଂଶମୂଳ ଦ୍ୱାରା ସୃଷ୍ଟ ଘୋର ବିବାଦ କାରଣରୁ ସେ ଏହି ପଦ ଲାଗି ନିଜେ ନ ଭରସି ଡକ୍ଟର ମନମୋହନ ସିଂହଙ୍କ ନାମ ସୁପାରିସ କରିଥିଲେ। ସୁତରାଂ, ଏକ ବ୍ୟତିକ୍ରମ ଭାବେ ଲୋକସଭା ମାଡ଼ି ନ ଥିବା ସତ୍ତ୍ୱେ ଡକ୍ଟର ସିଂହ ଦୈ?ବାତ୍? ହୋଇଯାଇଥିଲେ ଦେଶର ପ୍ରଧାନମନ୍ତ୍ରୀ ଓ ସର୍ବାଧିକ କାଳ ଲାଗି କ୍ଷମତାସୀନ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ତାଲିକାରେ ଚତୁର୍ଥ ସ୍ଥାନର ଅଧିକାରୀ। ତେଣୁ, କୃତଜ୍ଞତାର ବୋଝ ତାଙ୍କୁ ସୋନିଆ ଗାନ୍ଧୀଙ୍କ ଏକାନ୍ତ ଅଧୀନସ୍ଥ କରି ଦେଇଥିଲା କି? କିନ୍ତୁ, 'ଦ କୋଆଲିସନ ଇଅର୍ସ ୧୯୯୬-୨୦୧୨' ଶୀର୍ଷକ ପୁସ୍ତକରେ ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତ କହିଛନ୍ତି ଯେ ମନମୋହନ ସିଂହ ଥିଲେ ଜଣେ ଦୃଢ଼ ଜାତୀୟତାବାଦୀ ଓ ସାହସୀ ତଥା ପ୍ରତ୍ୟୟଭରା ବ୍ୟକ୍ତିତ୍ୱ! ଅନ୍ତତଃ ଦୁଇ ଥର ସେ ସ୍ପଷ୍ଟ ଭାବେ ତାଙ୍କର ଏଭଳି ଚାରିତ୍ରିକ ବିଶେଷତ୍ୱର ଦୃଢ଼ ପ୍ରମାଣ ଦେଇଛନ୍ତି; ଥରେ ୧୯୯୧ ମସିହାରେ ଅର୍ଥ ମନ୍ତ୍ରୀ ଭାବେ ଭାରତରେ ଉଦାର ଅର୍ଥ ବ୍ୟବସ୍ଥା ଓ ମୁକ୍ତ ବାଣିଜ୍ୟର ସୂତ୍ରପାତ ଘଟାଇ ଏବଂ ଆଉ ଥରେ ୨୦୦୬ ମସିହା?ର ବେସାମରିକ ଆଣବିକ ଚୁକ୍ତିନାମାରେ ସ୍ୱାକ୍ଷର କରି। ପ୍ରଥମ ନିଷ୍ପତ୍ତି ନିଃସ୍ୱ ହୋଇଯିବାର ଦ୍ୱାରଦେଶରୁ ଭିଡ଼ି ଆଣି ଭାରତକୁ ଦ୍ରୁତ ସମୃଦ୍ଧିର ମାର୍ଗରେ ଅଗ୍ରସର କରାଇଥିଲା ଏବଂ ଦ୍ୱିତୀୟ ନିଷ୍ପତ୍ତି ଭାରତ ଲାଗି ଅବାଧ ୟୁରାନିଅମ ଯୋଗାଣ ସମ୍ଭବ କରାଇ ଭାରତକୁ ଏକ ସକ୍ଷମ ଆଣବିକ ବିଜୁଳି ଶକ୍ତି ଉତ୍ପାଦନକାରୀ ରାଷ୍ଟ୍ରରେ ପରିଣତ କରିଥିଲା। ୧୯୯୧ ମସିହାରେ ତତ୍?କାଳୀନ ପ୍ରଧାନମନ୍ତ୍ରୀ ପି. ଭି. ନରସିଂହ ରାଓ ତାଙ୍କୁ କହିଥିଲେ ,'ତୁମ ନିଷ୍ପତ୍ତି ସଫଳ ହେଲେ ଲାଭର ହକ୍?ଦାର ହେବ ଭାରତ କିନ୍ତୁ ବିଫଳ ହେଲେ ହାନି ଲାଗି ଅପବାଦ ମୁଣ୍ଡାଇବ ତୁମେ' ଏବଂ ୨୦୦୮ ମସିହାରେ ଆଣବିକ ଚୁକ୍ତି ସ୍ୱାକ୍ଷର ନିଷ୍ପତ୍ତିକୁ ବିରୋଧ କରି ବାମ ଦଳଗୁଡ଼ିକ ସମର୍ଥନ ପ୍ରତ୍ୟାହାର କରି ନେବାରୁ ତାଙ୍କ ସରକାର ଅସ୍ତିତ୍ୱ ସଂକଟ ମଧ୍ୟକୁ ଠେଲି ହୋଇଯାଇଥିଲା। ଏ ଦୁଇଟି ଯାକ ସଂଦର୍ଭରେ ମନମୋହନ ସିଂହଙ୍କ ସାହସ ଓ ନିଷ୍ପତ୍ତି ନେବାର ଦୃଢ଼ତା ଦିଶି ନ ଥାଏ କି? ସେଥି ଲାଗି ୨୦୨୩ ମସିହାରେ ପ୍ରକାଶିତ ପୁସ୍ତକ 'ହାଉ ଦ ପ୍ରାଇମ ମିନିଷ୍ଟ?ର୍ସ ଡିସାଇଡ୍?'ରେ ଲେଖିକା ନୀରଜା ଚୌ?ଧୁରୀ ଡକ୍ଟର ମନମୋହନ ସିଂହଙ୍କ ପ୍ରଶଂସା କରି ତାଙ୍କୁ 'ଅବମୂଲ୍ୟାୟନର ଶିକାର' ପ୍ରଧାନମନ୍ତ୍ରୀ ଭାବେ ବର୍ଣ୍ଣନା କରିଛନ୍ତି।ଶେଖର ଗୁପ୍ତାଙ୍କ ଦ୍ୱାରା ପ୍ରସ୍ତୁତ 'ୱାକ୍? ଦ ଟକ୍' କାର୍ଯ୍ୟକ୍ରମରେ ଡକ୍ଟର ମନମୋହନ ସିଂହ ସ୍ୱୀକାର କରିଥିଲେ ଯେ ଉଦାର ଅର୍ଥନୀତିର ପ୍ରବକ୍ତା ଭାବେ ସେ ପରିଚିତ ହୋଇଥିଲେ ହେଁ ଅନ୍ତଃକରଣରେ ସେ ଜଣେ ସମାଜବାଦ; ଆର୍ଥିକ ବୈ?ଷମ୍ୟ ଓ ଦାରିଦ୍ର୍ୟ ତାଙ୍କୁ ବ୍ୟଥିତ କରିଥାଏ। ତାଙ୍କର ଏହି ମନୋଭାବର ପ୍ରମାଣ ମିଳିଥାଏ ତିନିଟି ଯୁଗାନ୍ତକାରୀ ଆଇନରୁ, ଯେଉଁଗୁଡ଼ିକ ହେଲେ 'ନିଶ୍ଚିତ କର୍ମ ନିଯୁକ୍ତି ଆଇନ', 'ଖାଦ୍ୟ ସୁରକ୍ଷା ଆଇନ' ଓ 'ଶିକ୍ଷା ଅଧିକାର ଆଇନ'। ଏ ତିନିଟି ନିଷ୍ପତ୍ତି ଦେଶର ଦରିଦ୍ର ଜନସାଧାରଣଙ୍କୁ କିଭଳି ଉପକୃତ କରିଛି, ତାହା ସୁବିଦିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକଦା 'ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'ର ତୀବ୍ର ସମାଲୋଚକ ଥିଲେ; କିନ୍ତୁ କ୍ଷମତାସୀନ ହେବା ପରେ ତାହାକୁ ବଳବତ୍ତର ରଖି ପ୍ରକାରାନ୍ତରେ ଇଙ୍ଗିତ କରିଛନ୍ତି ଯେ ଏହା ଏକ ସମର୍ଥ ଦାରିଦ୍ର୍ୟ ଉନ୍ମୂଳନକାରୀ କାର୍ଯ୍ୟକ୍ରମ, ଯଦ୍ଦ୍ୱାରା ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମିଗତ ବିକାଶ ମଧ୍ୟ ସମ୍ଭବ ହୋଇପାରେ। ସେହିଭଳି ଯେଉଁ ଦୁଇଟି ବ୍ୟବସ୍ଥା ଦ୍ୱାରା ଭାରତୀୟ ନାଗରିକମାନେ ପ୍ରଶ୍ନ ପଚାରି ସରକାରଙ୍କ ଗୋପନୀୟତା ଭେଦ କରିବାର ଅସ୍ତ୍ର ଲାଭ କଲେ ଏବଂ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକରଣରେ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହୋଇ ଲାଭାର୍ଥୀ ହେବାର ସୁଯୋଗ ପାଇଲେ, ତାହା ମଧ୍ୟ ମନମୋହନ ସିଂହ ସରକାରଙ୍କ ଅବଦାନ। 'ସୂଚନା ଅଧିକାର ଆଇନ' ଓ ଏକକ ପରିଚୟ ପତ୍ର 'ଆଧାର' କିଭଳି ସାଧାରଣ ନାଗରିକଙ୍କୁ ଶକ୍ତି ପ୍ରଦାନ କରିଛି, ତାହା ବୁଝାଇ କହିବାର କୌ?ଣସି ଆବଶ୍ୟକତା ନାହିଁ।ଡକ୍ଟର ମନମୋହନ ସିଂହ ଥିଲେ ସ୍ୱଭାବତଃ ଏକାନ୍ତ ଲାଜକୁଳା। କେମ୍ବ୍ରିଜରେ ଉଚ୍ଚ ଶିକ୍ଷା ଲାଭ କରୁଥିବା ବେଳେ ଶୀତପ୍ରଧାନ ଇଂଲାଣ୍ଡରେ ସେ ଏଥି ଲାଗି ବରଫ ଭଳି ଥଣ୍ଡା ପାଣିରେ ଗାଧୋଇ ପଡୁଥିଲେ, କାରଣ ଉଷୁମ ପାଣିର ବ୍ୟବସ୍ଥା ଥିବା ଗାଧୁଆ ଘର ସାମ୍ନାରେ ଛାତ୍ରଙ୍କ ଭିଡ଼ ନିକଟରେ ଜଣେ ଶିଖ ଭାବେ ରଖିଥିବା ଦୀର୍ଘ କେ?ଶଗୁଚ୍ଛକୁ ମୁକୁଳା କରିବାକୁ ସେ ଲାଜ କରୁଥିଲେ। ଏହି ସ୍ୱଭାବ ତାଙ୍କୁ ମୃଦୁ ଓ ସ୍ୱଳ୍ପଭାଷୀ କରିଥିଲା। ଜଣେ ଅଧ୍ୟାପକ ଭାବେ ବା ସରକାରଙ୍କ ଆର୍ଥିକ ପରାମର୍ଶଦାତା, ଯୋଜନା କମିସନର ଅଧ୍ୟକ୍ଷ ଓ ରିଜର୍ଭ ବ୍ୟାଙ୍କର ଗଭର୍ନର ରୂପେ ଏ ସ୍ୱଭାବ ତାଙ୍କ ଲାଗି ଆଭୂଷଣତୁଲ୍ୟ ହୋଇଥିଲେ ହେଁ ଉଚ୍ଚ ସ୍ୱରର ଉଚ୍ଚାଟଭରା ରାଜନୀତି କ୍ଷେତ୍ରରେ ତାହା ତାଙ୍କ ସକାଶେ ଦୁର୍ବଳତାର ଚିହ୍ନ ପା?ଲଟି ଯାଇଥିଲା। ଜଣେ ଦୁର୍ବଳ ପ୍ରଧା?ନମନ୍ତ୍ରୀ ଭାବେ ରାଜନୈ?ତିକ ବ୍ୟାଖ୍ୟାନର ସୃଷ୍ଟି ଘଟିଥିଲା। ଅନେକ ସମୟରେ ସେ ଆବେଗ ଜର୍ଜର କଣ୍ଠରେ କହିଥିଲେ ଯେ ଗଣମାଧ୍ୟମ ଓ ରାଜନୈ?ତିକ ବିରୋଧୀମାନେ ତାଙ୍କ ପ୍ରତି କର୍କଶ ହୋଇଥିଲେ ହେଁ ଇତିହାସ ତାଙ୍କ ପ୍ରତି ସଦୟ ହେବ। ଏହା ସତ ନୁହେଁ କି ଯେ ଏକ ଅତିକାୟ ଚିତ୍ରକୁ ଅତି ନିକଟରୁ ଦେଖିଲେ ତାହା କେବଳ କିଛି ରେଖା ଓ ରଙ୍ଗର ସମାହାର ଭଳି ପ୍ରତୀତ ହୋଇଥାଏ ଏବଂ ପୂର୍ଣ୍ଣାଙ୍ଗ ଚିତ୍ରଟି କେବଳ ଦୂରରୁ ହିଁ ଦିଶିଯାଏ? ସେହିଭଳି ଭବିଷ୍ୟତରେ ସମୟର ପଶ୍ଚାତ୍? ଦୃଷ୍ଟିରେ ସ୍ୱର୍ଗତ ମନମୋହନ ସିଂହ ଓ ତା?ଙ୍କ ଅତିକାୟ ଉପଲବ୍?ଧିର ସଂପୂର୍ଣ୍ଣ ଚିତ୍ର ନିଶ୍ଚିତ ଭାବେ ଦେଖାଯାଇପାରିବ, ଯାହା ଏବେ କଳିବା ହୁଏତ ସମ୍ଭବ ହେଉନାହିଁ! ସୁତରାଂ, ଇତିହାସ ତାଙ୍କ ପ୍ରତି ସଦୟ ହେବ!

# ନୂତନ ବର୍ଷର ଆଧ୍ୟାତ୍ମିକ ବାର୍ତ୍ତା

**ଆଶୁତୋଷ ନାୟକ**

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/ ୨ ରେ ଏହା ବର୍ଣିତ ଅଛି, 'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ । ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।' ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ ।




ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଇଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁଜଣା । ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି । କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ,ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ,ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ । ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ । ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭାତ୍ରା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ,ଗୁଟକା , ସିଗାରେଟ, ହିରୋଇନ,ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,'ଆପଣା ହସ୍ତେ ଜିହ୍ୱା ଛେଦିକେ ଅଛି ତାର ପ୍ରତିବାଦୀ 'ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର,ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି ।ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି ।ସ୍ନେହ, ପ୍ରେମ,ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି ।ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି । ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର ।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି । ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି 'ଦଇବ ଦଉଡି ମଣିଷ ଗାଈଯେଣିକି ଟାଣଇ ଶେଣିକି ଯାଇ'ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା ।

# ହେନ୍ତାଳ ବଣ ବଞ୍ଚାଇଛି ୮୫.୫ ହଜାର କୋଟି ଡଲାର

**ନିର୍ମଳ ଚନ୍ଦ୍ର ସାମଲ**

ସମଗ୍ର ବିଶ୍ୱରେ ଝଡ଼, ବାତ୍ୟା ଓ ବନ୍ୟାସ୍ଥିତିରୁ ସୁରକ୍ଷା ଦେଉଥିବା ହେନ୍ତାଳ ବଣଗୁଡ଼ିକ ଯୋଗୁଁ ବାର୍ଷିକ ପ୍ରାୟ ସାଢ଼େ ୮୫ ହଜାର କୋଟି ଡଲାର ବଞ୍ଚିଯାଉଛି ବୋଲି ବିଶ୍ୱ ବ୍ୟାଙ୍କ୍?ର 'ଦି ଚେଞ୍ଜିଂ ୱେଲ୍?ଥ ଅଫ୍? ନେସନ୍?ସ'ର ୨୦୨୪ ସଂସ୍କରଣରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଇଛି। ସମୁଦ୍ର ଉପକୂଳରେ ବସବାସ କରୁଥିବା ଲୋକମାନଙ୍କୁ ବନ୍ୟା, ଝଡ଼ତୋଫାନ ଓ ମୃତ୍ତିକା କ୍ଷୟରୁ ସୁରକ୍ଷା ଯୋଗାଉଥିବା ହେନ୍ତାଳବଣର ଭୂମିକାକୁ ତର୍ଜମା କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ବନ୍ୟା ଓ ସାମୁଦ୍ରିକ ଜୁଆରର ଉପଦ୍ରବରୁ ମୁକୁଳିବା ପାଇଁ ବିଭିନ୍ନ ରାଷ୍ଟ୍ର ସାଧାରଣତଃ ପାରମ୍ପରିକ ଭାବେ ସମୁଦ୍ର ପ୍ରାଚୀର ଓ ଆଡ଼ିବନ୍ଧ ପରି ଭିତ୍ତିଭୂମି ନିର୍ମାଣକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ତେବେ ହେନ୍ତାଳବଣ ପରି ପ୍ରାକୃତିକ ପର୍ଯ୍ୟାବରଣ ପ୍ରଣାଳୀ ତାହା ସମତୁଲ ବା ତା'ଠାରୁ ଅଧିକ ସୁରକ୍ଷା ଯୋଗାଇବା ସହ ତାହାର ଅନ୍ୟାନ୍ୟ ପରିବେଶଗତ ଉପାଦେୟତା ରହିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ସମଗ୍ର ବିଶ୍ୱରେ



ଝଡ଼, ବାତ୍ୟା ଓ ବନ୍ୟାସ୍ଥିତିରୁ ସୁରକ୍ଷା ଦେଉଥିବା ହେନ୍ତାଳ ବଣଗୁଡ଼ିକ ଯୋଗୁଁ ବାର୍ଷିକ ପ୍ରାୟ ସାଢ଼େ ୮୫ ହଜାର କୋଟି ଡଲାର ବଞ୍ଚିଯାଉଛି ବୋଲି ବିଶ୍ୱ ବ୍ୟାଙ୍କ୍?ର 'ଦି ଚେଞ୍ଜିଂ ୱେଲ୍?ଥ ଅଫ୍? ନେସନ୍?ସ'ର ୨୦୨୪ ସଂସ୍କରଣରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଇଛି। ୧୨୧ଟି ଦେଶର ପ୍ରାୟ ୭ ଲକ୍ଷ କି.ମି. ବ୍ୟାପୀ ସମୁଦ୍ର ଉପକୂଳସ୍ଥ ହେନ୍ତାଳବଣର ଭୂମିକାକୁ ଅନୁଧ୍ୟାନ କରି ଏପରି ନିର୍ଯାସ ମିଳିଛି। ସମୁଦ୍ର ଉପକୂଳମାନଙ୍କରେ ଜନବସତି ବଢ଼ିଚାଲିଥିବା ବେଳେ ସେମାନଙ୍କର ବନ୍ୟାବିପତ୍ତି ହ୍ରାସ ଦିଗରେ ହେନ୍ତାଳ ବଣର ଭୂମିକା ଅନନ୍ୟ ବୋଲି କୁହାଯାଇଛି। ଏହି ବୃକ୍ଷରାଜିର ଉପସ୍ଥିତି ଯୋଗୁଁ ୧୯୯୬ ମସିହାରୁ ୨୦୧୦ ମସିହା ମଧ୍ୟରେ ବନ୍ୟାଜନିତ ୧୩ ହଜାର କୋଟି ଡଲାରର କ୍ଷୟକ୍ଷତିକୁ ରୋକାଯାଇପାରିଛି। ସେହିପରି ୨୦୧୦ ଓ ୨୦୨୦ ମଧ୍ୟରେ ବଞ୍ଚିଯାଇଥିବା କ୍ଷତି ପରିମାଣ ୫୦ ହଜାର କୋଟି ଡଲାର ବୋଲି ଆକଳନ କରାଯାଇଛି। ହେନ୍ତାଳ ବଣର ସମ୍ପ୍ରସାରଣ ଯୋଗୁଁ ଯଦିଓ ଚିଙ୍ଗୁଡ଼ି ଚାଷ ଓ ଅନ୍ୟାନ୍ୟ ଉପକୂଳ ବିକାଶରେ ବ୍ୟାଘାତ ଘଟିଛି, ତେବେ ବନ୍ୟା ପ୍ରତିରୋଧୀ ଭାବରେ ଏହି ପ୍ରାକୃତିକ ସବୁଜ ସମ୍ପତ୍ତି ଉପକୂଳବାସୀଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ବନ୍ୟା ଓ ଝଡ଼ ପ୍ରତିରୋଧୀ ସୁରକ୍ଷା କବଚ ଦ୍ୱାରା ଚୀନ୍?, ଭିଏତନାମ, ଅଷ୍ଟ୍ରେଲିଆ ଆମେରିକା ଓ ଭାରତ ଭଳି ଦେଶ ବିଶେଷ ଉପକୃତ ହୋଇପାରୁଛନ୍ତି ବୋଲି ଏହି ଅଧ୍ୟୟନରୁ ଜଣାଯାଇଛି। ହେନ୍ତାଳ ବଣର ସୁରକ୍ଷା ଓ ପୁନରୁଦ୍ଧାର କେବଳ ପରିବେଶ ପାଇଁ ଉପଯୋଗୀ ନୁହେଁ, ଏହା ପରୋକ୍ଷରେ ଆର୍ଥିକ ଲାଭ ମଧ୍ୟ ପ୍ରଦାନ କରୁଥିବାରୁ ତାହା ଉପରେ ଗୁରୁତ୍ୱାରୋପ କରିବା ଅପରିହାର୍ଯ୍ୟ।

# ବିଶ୍ୱର ସବୁଠାରୁ ପତଳା ବିଲଡିଂ



ଆପଣ ବିଲଡିଂ ବିଷୟରେ ଜାଣିଛନ୍ତି କି ଯାହା ବିଶ୍ୱର ସବୁଠାରୁ ପତଳା ଆକାଶ ଛୁଆଁର ମାନ୍ୟତା ପାଇଛି। ଏଭଳି ବିଲଡିଂ ଯାହା ପବନ ବହିବା ମାତ୍ରେ ଏହା ପୁରା ଦୋହଲିଥାଏ। ଆମେରିକାର ମେନହଟନରେ ଅବସ୍ଥିତ ଏହି ଆକାଶ ଛୁଆଁ ଟାୱାର। ଯାହା ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ରିପୋର୍ଟ ଅନୁସାରେ ସ୍କାଇସ୍କ୍ରାପର ଟାୱାର ଦୁନିଆର ସବୁଠୁ ମଜଭୁତ କଂକ୍ରିଟରେ ତିଆରି ହୋଇଛି। କିଛି ବର୍ଷ ପୂର୍ବରୁ ଏହାର ଇଞ୍ଜିନିୟର ରବନ ୱିଲିୟମସଙ୍କ କହିବା ଅନୁଯାୟୀ ୧୦୦୦ ଫୁଟ ଉଚ୍ଚର ଏହି ଟାୱାର ଘଣ୍ଟା ପ୍ରତି ୧୦୦ ମିଲି ବେଗରେ ବହୁଥିବା ପବନରେ ଦୋହଲିଥାଏ। କିନ୍ତୁ ବଡ଼ କଥା ହେଉଛି ଏହି ବିଲଡିଂ ମଧ୍ୟରେ ଥିବା ଲୋକ ମାନେ ଏହାକୁ ନେଇ କିଛି ଅନୁଭବ କରିପାରନ୍ତି ନାହିଁ। ଏହି ବିଲଡିଂରେ ମୋଟ ୬୦ଟି ଆପାର୍ଟମେଣ୍ଟ ରହିଛି। ଏହି ଟାୱାରରେ ଥିବା ଗୋଟିଏ ଆପାର୍ଟମେଣ୍ଟର ଦାମ ପାଖାପାଖି ୭.୭୫ ମିଲିୟନ ଡଲାରରୁ ୬୬ ମିଲିୟନ ଡଲାର ଅର୍ଥାତ୍ ୫୮ କୋଟି ଟଙ୍କାରୁ ୩୩୦ କୋଟି ଟଙ୍କା ମଧ୍ୟରେ ରହିଛି । ୧୫ ହଜାର କୋଟି ଖର୍ଚ୍ଚ କରାଯାଇ ଏହି ସ୍ଥାନକୁ ରେସିଡେନସିଆଲ ଟାୱାର ବନାଗଲା। ଡିଜିଏସ୍ ଡେଭଲପମେଣ୍ଟ, ପ୍ରପର୍ଟି ମାର୍କେଟସ୍ ଗ୍ରୁପ୍ ଓ ସ୍ପ୍ରସ କ୍ୟାପିଟାଲ ପାର୍ଟନର୍ସ ମିଶି ତିଆରି କରିଥିଲେ ଏହି ଟାୱାର। ଏହି ଉଚ୍ଚତମ ପତଳା ଟାୱାରକୁ ତିଆରି କରିବା ପାଇଁ ପାଖାପାଖି ୯ ବର୍ଷ ସମୟ ଲାଗିଥିଲା। ଷ୍ଟେନୱେ ଟାୱାରର ଡେଭଲପର୍ସଙ୍କ କହିବା ଅନୁଯାୟୀ ଏହି ଟାୱାର ସହରରେ ଥିବା ସମସ୍ତ ଟାୱାର ଠାରୁ ଏକଦମ୍ ଭିନ୍ନ ରହିଛି। ଏହି ହାଇରାଇଜ ଇମାରତ ଦେଶର ଶିଳ୍ପକଳା, ଇତିହାସ ଓ ବିଜ୍ଞାନ ର ଏକ ଜ୍ୱଳନ୍ତ ଉଦାହାରଣ କହିଲେ କିଛି ଭୁଲ ହେବ ନାହିଁ। ଏବେ କିନ୍ତୁ ଏହି ଟାୱାର ନିଜର ଡିଜାଇନ ତଥା ସୌନ୍ଦର୍ଯ୍ୟକୁ ନେଇ ନୁହେଁ ବରଂ ପଡୁଥିବା ବରଫ କାରଣରୁ ଚର୍ଚ୍ଚାରେ ରହିଛି।

# ମଣିଷ ମସ୍ତିଷ୍କରୁ ରକ୍ତ ଶୋଷିଥାଏ ଉକୁଣୀ

ଉକୁଣୀ ଏକ ଏଭଳି ପୋକ ଯେଉଁଥିରେ ଆପଣ କିମ୍ବା ଆପଣଙ୍କ କେହି ପରିଜନ ନିଶ୍ଚୟ ପ୍ରଭାବିତ ହୋଇଥିବେ। ବିଶେଷ କରି ପିଲାଦିନେ ଏହି ପୋକ ପିଲାଙ୍କ ମୁଣ୍ଡରେ ଅଧିକ ହୋଇଥାନ୍ତି। ମନୁଷ୍ୟର ମୁଣ୍ଡ କେଶରେ ଲୁଚି ରହୁଥିବା ଉକୁଣୀ ରକ୍ତ ଶୋଷି ବଞ୍ଚି ରହିଥାଏ। ଆମେରିକା ସେଣ୍ଟର୍ସ ଫର୍ ଡିଜିଜ୍ ଏବଂ ପ୍ରିଭେନ୍ସନ ଅନୁଯାୟୀ, ବିଶ୍ୱରେ ପ୍ରତିବର୍ଷ ୬୦ ଲକ୍ଷରୁ ୧.୨୦ କୋଟି ଲୋକ ଏହାର ଶିକାର ହୋଇଥାନ୍ତି। ଅବଶ୍ୟ ଉକୁଣୀ କୌଣସି ବଡ଼ କ୍ଷତି ଘଟାଇନଥାନ୍ତି, କିନ୍ତୁ ମସ୍ତିଷ୍କର ନିକଟତର ରହୁଥିବା ଏହି ପୋକ ମଣିଷ ରକ୍ତ ଶୋଷିଥାଏ। ଏହା ମଣିଷଙ୍କ କେଶରେ ରହିଥାଏ ଏବଂ ରକ୍ତ ଶୋଷିଥାଏ। ଏମିତିରେ ପ୍ରଶ୍ନ ଉଠୁଛି ଯେ ଏହା କୋଉଠୁ ଆସିଥାନ୍ତି ମେଡିକାଲ ନ୍ୟୁଜ୍ ଟୁଡେର ଏକ ରିପୋର୍ଟ ଅନୁଯାୟୀ, ମୁଣ୍ଡରେ ରହୁଥିବା ଉକୁଣୀ ଦେଖିବାକୁ ବହୁତ ଛୋଟ ହୋଇଥାନ୍ତି। ଏହାର ଆକାର ୨-୩ ମିଲିମିଟର ହୋଇଥାଏ। ବୟସ୍କ ଉକୁଣୀ ପ୍ରାୟ ୩୦ ଦିନ ପର୍ଯ୍ୟନ୍ତ ବଞ୍ଚିଥାଏ। ଏଥରେ ମାଇ ଉକୁଣୀ ପ୍ରତିଦିନ ପ୍ରାୟ ୬ ଅଣ୍ଡା ଦେଇଥାଏ, ଯାହାକୁ ନିଟ୍ସ କୁହାଯାଏ ଏବଂ ଏହା ଧଳା କିମ୍ବା ସ୍ୱଷ୍ଟ ଦେଖାଯାଇଥାଏ। ଏଡି ଅଣ୍ଡା ଦୁଇ ସପ୍ତାହରେ ପରିପକ୍ୱ ହୋଇଯାଏ। ଏହି ପ୍ରକ୍ରିୟା ଚାଲୁ ରହିଥାଏ। ଯେପର୍ଯ୍ୟନ୍ତ ଏହାର କୌଣସି ପ୍ରତିକାର କରିନାହାଁନ୍ତି। ହେଲ୍‌ପଲାଇନର ଏକ ରିପୋର୍ଟ ଅନୁଯାୟୀ, ଉକୁଣୀର ପ୍ରଜାତି ପ୍ରାୟ ୧ ଲକ୍ଷ ବର୍ଷ ପୁରୁଣା। ଅନେକ ସମୟରେ କୁହାଯାଏ ଯେ ଅପରିଷ୍କାର ରହିବା ଦ୍ୱାରା ଉକୁଣୀ ହୋଇଥାଏ। କିନ୍ତୁ ପ୍ରକୃତରେ ଏପରି ହୋଇନଥାଏ। ଉକୁଣୀଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ଭଲ ବ୍ୟକ୍ତିଙ୍କଠାରେ ମଧ୍ୟ ଉକୁଣୀ ହୋଇପାରେ। ଥରେ ଉକୁଣୀ ହୋଇଗଲେ ବିନା ପ୍ରତିକାରରେ ତାହା ଶେଷ ହୋଇନଥାଏ। ବୟସ୍କ ଉକୁଣୀ ମରିଯାଆନ୍ତି କିନ୍ତୁ ମାଇ ଉକୁଣୀ ଅଣ୍ଡା ଦେଇଥାନ୍ତି। ଯାହା ପୁଣି ଉକୁଣୀ ହୋଇଯାଆନ୍ତି। ଏଥିରେ ମୁକ୍ତି ପାଇବା ପାଇଁ ଏକମାତ୍ର ଉପାୟ ଜୀବିତ ପୋକ ଏବଂ ଏମାନଙ୍କର ଅଣ୍ଡାକୁ ନଷ୍ଟ କରିବା। ବଜାରରେ ଅନେକ ପ୍ରକାର ସାମ୍ପୁ ମଧ୍ୟ ମିଳୁଛି ଯାହାଦ୍ୱାରା ଏହାକୁ ରୋକାଯାଇପାରିବ। ଯଦି ଏହା ପରେ ମଧ୍ୟ ଭଲ ନହେଲେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ଭଲ।



# ବଲିଉଡ୍‌ରେ ପଦାର୍ପଣ କରିବେ ଅଲିଜେହ

ସଲମାନ ଖାଁଙ୍କ ଭିଣୋଇ ଅତୁଲ ଅଗ୍ନିହୋତ୍ରୀ ଝିଅ ଅଲିଜେହ ଅଗ୍ନିହୋତ୍ରୀ ଏବେ ଖୁବ୍ ଚର୍ଚ୍ଚାରେ। ସେ ବଲିଉଡ୍‌ରେ ଡେବ୍ୟୁ କରିବା ନେଇ ଆଲୋଚନା ଜୋରଧରିଛି। ବର୍ତ୍ତମାନ ତାଙ୍କ ପ୍ରଶଂସକମାନେ ତାଙ୍କୁ ପରଦାରେ ଦେଖିବାକୁ ପାଇବେ। ଜାତୀୟ ପୁରସ୍କାର ବିଜେତା ତଥା ନିର୍ଦ୍ଦେଶକ ସୋମେନ୍ଦ୍ର ପାଧୀଙ୍କ ଆଗାମୀ ଚଳଚ୍ଚିତ୍ର ସହିତ ଅଲିଜେହ ଡେବ୍ୟୁ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶକ ପାଧୀ ତାଙ୍କର ସଂସ୍କୃତି ଶୋ ଜାମତାଡା ୧ ଏବଂ ୨ ପାଇଁ ଜଣାଶୁଣା। ଏହି ଚଳଚ୍ଚିତ୍ରର ସୁଟିଂ ୨୦୨୨ରେ ଆରମ୍ଭ ହୋଇଥିଲା ଏବଂ ଏହି ଚଳଚ୍ଚିତ୍ର ୨୦୨୩ ରେ ମୁକ୍ତିଲାଭ କରିବ ବୋଲି ଆଶା କରାଯାଉଛି। କହିବାକୁ ଗଲେ ସଲମାନ ଖାନଙ୍କ ଭାଣିଜୀ ହେଉଛନ୍ତି ଅଲିଜେହ ଅଗ୍ନିହୋତ୍ରୀ। ତାଙ୍କ ସୁନ୍ଦରତା ଓ ଲୁକ୍ ପାଇଁ ଚର୍ଚ୍ଚାରେ ଅଛନ୍ତି। ସେ ସୋସିଆଲ ମିଡିଆରେ ମଧ୍ୟ ବହୁତ ଆକ୍ଟିଭ୍। ଇନଷ୍ଟାଗ୍ରାମରେ ତାଙ୍କର ଏକରୁ ଅଧିକ ସୁନ୍ଦର ଫଟୋ ସେୟାର ହୋଇଛି। ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ଲମ୍ବା ଲାଇନ୍। ପାଧୀଙ୍କ ଆଗାମୀ ଚଳଚ୍ଚିତ୍ରରେ ତାଙ୍କୁ ଦର୍ଶ ଦେଖିବାକୁ ପାଇବେ। କିଛି ସମୟ ପୂର୍ବରୁ, ଅଲିଜେହଙ୍କ ଏକ ବିଜ୍ଞାପନ ଭିଡିଓ ଇଣ୍ଟରନେଟରେ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ଏକ ଅଳଙ୍କାର ବ୍ରାଣ୍ଡ ପାଇଁ ବିଜ୍ଞାପନ କରିଥିଲେ। ଏଥିରେ ଅଲିଜେହ ହେଉଛନ୍ତି ସଲମାନଙ୍କ ପ୍ରିୟ। ସଲମାନଙ୍କ ଭଉଣୀ ଅଲଭିରା ଏବଂ ଅତୁଲ ଅଗ୍ନିହୋତ୍ରୀଙ୍କ ଝିଅ। ପୁରା ପରିବାର ତାଙ୍କୁ ବହୁତ ଭଲ ପାଆନ୍ତି । ସେ ସୋସିଆଲ ମିଡିଆରେ ତାଙ୍କ ଜେଜେମା ସଲମାଙ୍କ ସହ ଫଟୋ ସେୟାର କରନ୍ତି। କେବଳ ଏତିକି ହିଁ ନୁହେଁ ତାଙ୍କ ଫିଟନେସ ପ୍ରତି ବିଶେଷ ଧ୍ୟାନ ଦିଅନ୍ତି।

# ଶୀତ ଦିନେ କିପରି ନେବେ ତ୍ୱଚାର ଯତ୍ନ

ଶୀତ ଋତୁରେ ଆମ ଚର୍ମ ଶୁଷ୍କ ହୋଇଯାଏ। ସେଥିପାଇଁ ଶୀତ ଋତୁରେ ଚର୍ମର ଯତ୍ନ ନେବା ସହିତ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନେକ ଜିନିଷ ଅଛି ଯାହାକୁ ଶୀତଦିନେ ଚର୍ମର ଯତ୍ନ ପାଇଁ ଆମକୁ ଧ୍ୟାନ ଦେବା ଆବଶ୍ୟକ। ଏହି ଋତୁରେ, ଆମ ଚର୍ମକୁ ସଠିକ୍ ଭାବରେ ଯତ୍ନ କରିବା ପାଇଁ ଆମକୁ କିଛି ସୌନ୍ଦର୍ଯ୍ୟ ଟିପ୍ସ ଅନୁସରଣ କରିବା ଉଚିତ୍। ଆଗାମୀ ଶୀତରେ ଆମେ ଆପଣଙ୍କୁ କିଛି ସୌନ୍ଦର୍ଯ୍ୟ ଟିପ୍ସ ବିଷୟରେ କହିବୁ, ଯାହା ଶୀତଦିନେ ମଧ୍ୟ ଆପଣଙ୍କ ଚର୍ମକୁ ଚମକାଇବ। ଶୀତଦିନେ ଚର୍ମ ଅତ୍ୟଧିକ ଶୁଷ୍କ ହୋଇଯାଏ। ସେଥିପାଇଁ ଆମକୁ ଫର୍ମୁଲା ଦରକାର ଯାହା ଚର୍ମରେ ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରବ। ଯେତେବେଳେ ଶୀତ ଋତୁ ଆସେ, ସେତେବେଳେ ଆମେ ଏପରି ଏକ କ୍ଲିଜର୍ ବାଛିବା ଉଚିତ, ଯାହା ଆମ ଚର୍ମକୁ ସୁଟ କରିବ। ଅଧିକାଂଶ କ୍ଲିଜର୍ କ୍ରିମ୍ ଆଧାରିତ କାରଣ ତାହା ଚର୍ମକୁ ଶୁଷ୍କ କରିବାକୁ ଦିଏ ନାହିଁ ଏବଂ ଚର୍ମକୁ ପୋଷଣ କରେ। ଚର୍ମର ଯତ୍ନ କରିବାରେ ନିୟମିତ ପରିବର୍ତ୍ତନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ଶୀତଦିନିଆ ସ୍କିନ କେୟାର ରୁଟିନ ଗ୍ରୀଷ୍ମ ପରି ହୋଇନପାରେ। ସେଥିପାଇଁ ଋତୁ ବଦଳିବା ସହିତ ଆପଣଙ୍କ ରୁଟିନ୍ ବଦଳାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାପମାତ୍ରା ହ୍ରାସ ହେବା ସହିତ ଆପଣଙ୍କ ତ୍ୱଚା ପ୍ରକାର ଅନୁଯାୟୀ ଋତୁ ପାଇଁ ଅଧିକ ଉପଯୁକ୍ତ ଦ୍ରବ୍ୟ ସହିତ ନିୟମିତ ସୌନ୍ଦର୍ଯ୍ୟ ଉତ୍ପାଦକୁ ବଦଳାନ୍ତୁ। ଏସ୍‌ପିଏଫ୍‌ର ଅର୍ଥ ହେଉଛି ସୂର୍ଯ୍ୟ ସୁରକ୍ଷା କାରକ। ପ୍ରତ୍ୟେକ ରୁଟିନ୍‌ର ଏକ ଅଂଶ ହେବା ଉଚିତ୍। ଶୀତ ଦିନେ କମ୍ ଖରା ହୋଇଥାଏ କିନ୍ତୁ ଟଠ ରଶ୍ମି ଏହି ଋତୁରେ ଚର୍ମକୁ ନଷ୍ଟ କରିପାରେ। ଏଥିପାଇଁ ଆପଣ ଶୀତଦିନେ ସନ୍‌ସ୍କ୍ରିନ୍ ବ୍ୟବହାର କରିପାରିବେ। ଚର୍ମ ଶୁଷ୍କ ନହେବା ପାଇଁ ଆପଣ ଚର୍ମକୁ ହାଇଡ୍ରେଟ୍ ରଖିବା ଜରୁରୀ। ମଶ୍ଚରାଇଜର ସୌନ୍ଦର୍ଯ୍ୟ ରୁଟିନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ଏହା ଚର୍ମରେ ଆର୍ଦ୍ରତା ବଜାୟ ରଖିବା ପାଇଁ ବ୍ୟବହୃତ ହୋଇପାରେ।

## GOVERNMENT OF ODISHA 2025

JANUARY

| | | | | | |
|---|---|---|---|---|---|
| SUN | | 5 | 12 | 19 | 26 |
| MON | | 6 | 13 | 20 | 27 |
| TUE | | 7 | 14 | 21 | 28 |
| WED | 1 | 8 | 15 | 22 | 29 |
| THU | 2 | 9 | 16 | 23 | 30 |
| FRI | 3 | 10 | 17 | 24 | 31 |
| SAT | 4 | 11 | 18 | 25 | |

FEBRUARY

| | | | | | |
|---|---|---|---|---|---|
| SUN | | 2 | 9 | 16 | 23 |
| MON | | 3 | 10 | 17 | 24 |
| TUE | | 4 | 11 | 18 | 25 |
| WED | | 5 | 12 | 19 | 26 |
| THU | | 6 | 13 | 20 | 27 |
| FRI | | 7 | 14 | 21 | 28 |
| SAT | 1 | 8 | 15 | 22 | |

MARCH

| | | | | | |
|---|---|---|---|---|---|
| SUN | 30 | 2 | 9 | 16 | 23 |
| MON | 31 | 3 | 10 | 17 | 24 |
| TUE | | 4 | 11 | 18 | 25 |
| WED | | 5 | 12 | 19 | 26 |
| THU | | 6 | 13 | 20 | 27 |
| FRI | | 7 | 14 | 21 | 28 |
| SAT | 1 | 8 | 15 | 22 | 29 |

APRIL

| | | | | | |
|---|---|---|---|---|---|
| SUN | | 6 | 13 | 20 | 27 |
| MON | | 7 | 14 | 21 | 28 |
| TUE | 1 | 8 | 15 | 22 | 29 |
| WED | 2 | 9 | 16 | 23 | 30 |
| THU | 3 | 10 | 17 | 24 | |
| FRI | 4 | 11 | 18 | 25 | |
| SAT | 5 | 12 | 19 | 26 | |

MAY

| | | | | | |
|---|---|---|---|---|---|
| SUN | | 4 | 11 | 18 | 25 |
| MON | | 5 | 12 | 19 | 26 |
| TUE | | 6 | 13 | 20 | 27 |
| WED | | 7 | 14 | 21 | 28 |
| THU | 1 | 8 | 15 | 22 | 29 |
| FRI | 2 | 9 | 16 | 23 | 30 |
| SAT | 3 | 10 | 17 | 24 | 31 |

JUNE

| | | | | | |
|---|---|---|---|---|---|
| SUN | 1 | 8 | 15 | 22 | 29 |
| MON | 2 | 9 | 16 | 23 | 30 |
| TUE | 3 | 10 | 17 | 24 | |
| WED | 4 | 11 | 18 | 25 | |
| THU | 5 | 12 | 19 | 26 | |
| FRI | 6 | 13 | 20 | 27 | |
| SAT | 7 | 14 | 21 | 28 | |

JULY

| | | | | | |
|---|---|---|---|---|---|
| SUN | | 6 | 13 | 20 | 27 |
| MON | | 7 | 14 | 21 | 28 |
| TUE | 1 | 8 | 15 | 22 | 29 |
| WED | 2 | 9 | 16 | 23 | 30 |
| THU | 3 | 10 | 17 | 24 | 31 |
| FRI | 4 | 11 | 18 | 25 | |
| SAT | 5 | 12 | 19 | 26 | |

AUGUST

| | | | | | |
|---|---|---|---|---|---|
| SUN | 31 | 3 | 10 | 17 | 24 |
| MON | | 4 | 11 | 18 | 25 |
| TUE | | 5 | 12 | 19 | 26 |
| WED | | 6 | 13 | 20 | 27 |
| THU | | 7 | 14 | 21 | 28 |
| FRI | 1 | 8 | 15 | 22 | 29 |
| SAT | 2 | 9 | 16 | 23 | 30 |

SEPTEMBER

| | | | | | |
|---|---|---|---|---|---|
| SUN | | 7 | 14 | 21 | 28 |
| MON | 1 | 8 | 15 | 22 | 29 |
| TUE | 2 | 9 | 16 | 23 | 30 |
| WED | 3 | 10 | 17 | 24 | |
| THU | 4 | 11 | 18 | 25 | |
| FRI | 5 | 12 | 19 | 26 | |
| SAT | 6 | 13 | 20 | 27 | |

OCTOBER

| | | | | | |
|---|---|---|---|---|---|
| SUN | | 5 | 12 | 19 | 26 |
| MON | | 6 | 13 | 20 | 27 |
| TUE | | 7 | 14 | 21 | 28 |
| WED | 1 | 8 | 15 | 22 | 29 |
| THU | 2 | 9 | 16 | 23 | 30 |
| FRI | 3 | 10 | 17 | 24 | 31 |
| SAT | 4 | 11 | 18 | 25 | |

NOVEMBER

| | | | | | |
|---|---|---|---|---|---|
| SUN | 30 | 2 | 9 | 16 | 23 |
| MON | | 3 | 10 | 17 | 24 |
| TUE | | 4 | 11 | 18 | 25 |
| WED | | 5 | 12 | 19 | 26 |
| THU | | 6 | 13 | 20 | 27 |
| FRI | | 7 | 14 | 21 | 28 |
| SAT | 1 | 8 | 15 | 22 | 29 |

DECEMBER

| | | | | | |
|---|---|---|---|---|---|
| SUN | | 7 | 14 | 21 | 28 |
| MON | 1 | 8 | 15 | 22 | 29 |
| TUE | 2 | 9 | 16 | 23 | 30 |
| WED | 3 | 10 | 17 | 24 | 31 |
| THU | 4 | 11 | 18 | 25 | |
| FRI | 5 | 12 | 19 | 26 | |
| SAT | 6 | 13 | 20 | 27 | |

newjobsodisha.com

# ଇଟାଲୀରେ ରହିବାକୁ ଘର ସହ ୨୫ ଲକ୍ଷ ଅଫର



ଏକ ସୁନ୍ଦର ଘର କିଣିବାର ସ୍ୱପ୍ନ ତ ସମସ୍ତଙ୍କର ଥାଏ, ହେଲେ ବ୍ୟକ୍ତିଙ୍କୁ ନିଜର ବଜେଟ୍ ଅନୁସାରେ ଫ୍ଲାଟ୍ ବା ଛୋଟ ଘରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥାଏ। ଏହି ସ୍ଥିତିରେ ଯଦି କିଏ ଆପଣଙ୍କୁ କେବଳ ତିଆରି ହୋଇ ରହିଥିବା ଘର ଅଫର କରେ, ଆଉ ଏଥିରେ ରହିବାକୁ ବି ଟଙ୍କା ବି ଦିଏ , ତ କେମିତି ହେବ ? ଆପଣ ବି ଏମିତି ଭାବୁଥିବେ ଏମିତି କଣ ସତରେ ହେବ, କିନ୍ତୁ ଏମିତି ହିଁ ଅପର ମିଳୁଛି ଇଟାଲୀର ଏକ ସହରରେ। ଆମ ଦେଶରେ ଘର ନେବାର ସ୍ୱପ୍ନରେ ହିଁ ଲୋକଙ୍କର ଅଧା ଜୀବନ ବିତିଯାଏ, କିନ୍ତୁ ଗୋଟିଏ ଦେଶ ଏମିତି ବି ଅଛି, ଯାହାର ସରକାର ଆପଣଙ୍କୁ କେବଳ ଏଠାକୁ ଆସି ରହିବାକୁ ୨୫ ଲକ୍ଷ ଟଙ୍କା ଅଫର କରୁଛନ୍ତି। ହେଲେ ଲୋକଙ୍କୁ ଏତେ ଦୟା କାହିଁକି କରାଯାଉଛି। ଦକ୍ଷିଣ-ପୂର୍ବ ଇଟାଲୀର ପ୍ରେସିଚେ ସହରର ଅଧିକାରୀମାନେ ଘୋଷଣା କରିଛନ୍ତି, ସେ ସହରରେ ଖାଲି ପଡ଼ିଥିବା କୋଠାକୁ କିଣିବା ଓ ଏଥିରେ ରହିବା ପାଇଁ ଲୋକଙ୍କୁ ୩୦ ହଜାର ୟୁରୋ ଦେବେ। ପ୍ରେସିଚେ ସହରକୁ ଯଦି ଏହିପରି ପ୍ରତିଷ୍ଠା କରିବାକୁ ଲୋକଙ୍କୁ ଟଙ୍କା ଦିଆଯାଉଛି, ତ ନିଶ୍ଚିତ ରୂପେ ଏହା ସ୍ଥାନ ପୂରା ନିର୍ଜନ ହିଁ ହୋଇଥିବ। ସ୍ଥାନୀୟ କାଉନ୍ସିଲର ଅଲଫ୍ରେଡୋ ପାଲିସ୍‌ଙ୍କ ମୁତାବିକ, ସହରର ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ବାଟକୁ ଆଣିବା ପାଇଁ ଏହି ଯୋଜନା ତିଆରି ହୋଇଛି। ଏହି ଯୋଜନା ଅନୁସାରେ, ୧୯୯୧ ରୁ ପ୍ରଥମ ତିଆରି ଅନେକ ଖାଲି କୋଠାରେ ଲୋକଙ୍କୁ ପୁଣି ଥରେ ବସବାସ କରିବାକୁ ପ୍ରସ୍ତୁତ ଚାଲିଛି। ଏହି ଘର ଗୁଡ଼ିକୁ ତାଙ୍କର ମାଲିକ ଛାଡ଼ି ସାରିଛନ୍ତି। ହେଲେ ଏହା ଖୁବ୍ ସୁନ୍ଦର ଲୋକେସନ, ଆଉ ପ୍ରକୃତିର କୋଳରେ ରହିଛି। ଗୋଟିଏ ସମୟରେ ଏହି ସହର ଐତିହାସିକ ସ୍ତରରେ ଅଦ୍ଭୁତ ବାସ୍ତୁକଳାର ମଧ୍ୟ କେନ୍ଦ୍ରସ୍ଥଳୀ ଥିଲା। ଯାହାର ସୋସିଆଲ ମିଡ଼ିଆରେ ଅନେକ ଲୋକ ସେୟାର କରିଛନ୍ତି। ଏହି ସୁନ୍ଦର ଅଫରକୁ ହାସଲ କରିବା ପାଇଁ ଆବେଦନ ପ୍ରକ୍ରିୟା ପ୍ରେସିଚେର ୱେବସାଇଟ୍‌ରେ ଶୀଘ୍ର ଆରମ୍ଭ କରାଯିବ।

# ମଦର୍ଶ ପବ୍ଲିକ ସ୍କୁଲରେ ଅନନ୍ୟା ର ବାର୍ଷିକ ଉତ୍ସବ ଅନୁଷ୍ଠିତ

**କେନ୍ଦୁଝର ୩୧/୧୨(ନି.ପ୍ର):** ସୁନ୍ଦର ମୋ ଭାଷା ସାହିତ୍ୟ ଜମ୍ବରା,କେନ୍ଦୁଝରର ତ୍ରୟୋଦଶ ଜାତୀୟ ସ୍ତରୀୟ କଳା ସାହିତ୍ୟ ଶିକ୍ଷା ସଂସ୍କୃତି ବିଜ୍ଞାନ ସମ୍ବାଦ ଓ ସମାଜ ସେବା ଅନନ୍ୟା ମହୋତ୍ସବ -୨୦୨୪ ରାଜଧାନୀ ଭୁବନେଶ୍ୱରର ମଦର୍ସ ପବ୍ଲିକ ସ୍କୁଲ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି ।୩ଟି ଅଧିବେଶନରେ ପରିଚାଳିତ କାର୍ଯ୍ୟକ୍ରମ ଯଥାକ୍ରମେ ଭାଷା ମହକ ମଞ୍ଚ,ବୌଦ୍ଧିକ ଓ ସାଂସ୍କୃତିକ ମଞ୍ଚ ଓ ସମ୍ବର୍ଦ୍ଧନା କଳା ମଞ୍ଚ ରୂପେ ଯଥାକ୍ରମେ ନୃସିଂହ ଚରଣ ସେନାପତି ଓ ଡଃ ନାରାୟଣ ଚନ୍ଦ୍ର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ପ୍ରଥମ ଅଧିବେଶନରେ ସମାଜସେବୀ ବିଜୟ କୁମାର ମିଶ୍ର,ମୁଖ୍ୟ ମଞ୍ଚରେ ସମାଜସେବୀ ଶିକ୍ଷାବିତ୍ ସାହିତ୍ୟିକ ଶଶଧର ପଣ୍ଡା ଓ ଅନ୍ତିମ ଅଧିବେଶନରେ ଓଡ଼ିଶାର ମହାନ୍ ପ୍ରତିଭା ଡଃ ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବେ ମଞ୍ଚ ମୁଣ୍ଡନ କରିଥିଲେ ।ସାହିତ୍ୟ ଆମ ସ୍ପନ୍ଦନ ଆଉ ଅନନ୍ୟା ଏକ ଫୁସ୍ ଫୁସ୍ ଶ୍ରୀ ପଣ୍ଡା କହିଥିବା ବେଳେ ଅନନ୍ୟାର ସାହିତ୍ୟର ସୁରଭିରେ ବିଶ୍ୱ ସୁରଭିତ ହେବାର ଆଶା ଅନନ୍ୟା କରିପାରିବ ବୋଲି ଡଃ ପାଟ୍ଟଶାଣୀ ଆଶା ପୋଷଣ କରିଥିଲେ ।ଅନ୍ୟତମ ଅତିଥି ଭାବେ ମୁଖ୍ୟ ବକ୍ତା ହାଟଡିହୀ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ,ବିଶିଷ୍ଟ ଅତିଥି ଓଡ଼ିଶା କଳା ସଂସ୍କୃତି ପରିଷଦ ଅଧକ୍ଷ ଲକ୍ଷ୍ମୀଧର ସାହୁ, ନିର୍ବାଚନ ଯୁଗ୍ମ ସଚିବ ପ୍ରମୋଦ କୁମାର ସାହୁ,ନିର୍ଦ୍ଦେଶକ ଚନ୍ଦନ ମହାପାତ୍ର,ନିର୍ଦ୍ଦେଶକ ବିଶ୍ୱରଂଜନ ମହାନ୍ତି, ପ୍ରାକ୍ତନ ସହ ଜିଲ୍ଲାପାଳ ଅଲେଖ ପ୍ରସାଦ ମହାରଣା,ଅଧ୍ୟାପିକା ପୁଷ୍ପିତା ପହି,ସାହିତ୍ୟିକା ଅପର୍ଣ୍ଣା ଦାଶ,ନୃସିଂହ ମହାପାତ୍ର,ରମେଶ ଚନ୍ଦ୍ର ଟାକ୍ରୀ,ପ୍ରଫୁଲ୍ଲ କୁମାର ହୋତା ମଞ୍ଚ ମଣ୍ଡନ କରିଥିଲେ ।ଏଲିଜା ଜେନାଙ୍କ ଦୁର୍ଗା ସହସ୍ର ନାମ ଓ ଅଙ୍କିତା ଦାଶଙ୍କ ଶ୍ରୀଜଗନ୍ନାଥ ଅଷ୍ଟକମ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା ।ସୁଶ୍ରୀ ଅନନ୍ୟା ସେନାପତିଙ୍କ ଦ୍ୱାରା ବାର୍ଷିକ ବିବରଣୀ ପଠନ କରାଯାଇଥିଲା ।ପ୍ରତାପ କିଶୋର ରାଉତ,ଅଙ୍କିତା ଦାଶ,ଡଃ ତାନଶ୍ରୀ ପାଣିଗ୍ରାହୀ,ରଶ୍ମିତା ରାଉତ ,ରୀତା ଅପରାଜିତା ମହାନ୍ତି,ଡଃ ନାରାୟଣ ସେନାପତି ଓ ପ୍ରଭଞ୍ଜନ ତ୍ରିପାଠୀଙ୍କ ବଳିଷ୍ଠ ସଂଯୋଜନାରେ ୧୫୦ରୁ ଉର୍ଦ୍ଧ୍ୱ ଯୁଗଳବନ୍ଦୀ କବିତା ପାଠ କରାଯାଇଥିଲା ।ଏହି ଉତ୍ସବ ନିମନ୍ତେ ଅନୁଷ୍ଠିତ ପ୍ରତିଯୋଗିତାର ୧୫୪ ଜଣ ପ୍ରତିଭାଙ୍କୁ ସମ୍ମାନ ସନନ୍ଦ ଅର୍ପଣ କରାଯାଇଥିଲା ।ଭୁବନେଶ୍ୱରର ଏଲିଜା ଜେନାଙ୍କୁ ୨୦୨୪ର ଚମ୍ପିୟାନ ଟ୍ରଫି ପ୍ରଦାନ କରାଯାଇଥିଲା ।ଓଡ଼ିଶାର ୩୦ ଜିଲ୍ଲା,ଜିଲ୍ଲା ବାହାର ଏମିତିକି ଆମ ଦେଶ ବାହାରର ମୋଟ ୨୬୦ ଜଣ ପ୍ରତିଭାଙ୍କୁ ମାନପତ୍ର ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଲିଜା ଜେନା,ପୁଷ୍ପଲତା ମିଶ୍ର ଓ ସୁପ୍ରିୟା ମିଶ୍ରଙ୍କୁ ଶ୍ରେଷ୍ଠ ଓଡ଼ିଆଣୀ ରୂପେ ସମ୍ମାନିତ କରାଯାଇଥିଲା ।ଏହି ପରିପ୍ରେକ୍ଷୀରେ ବାର୍ଷିକ ମୁଖପତ୍ର ଅନନ୍ୟା,ଅପର୍ଣ୍ଣା ଦାଶଙ୍କ ନୀଳଚକ୍ର,ପୁଷ୍ପଲତା ମିଶ୍ରଙ୍କ ଅବ୍ୟକ୍ତ ଭାବନା,ଶକୁନ୍ତଳା ଓଝାଙ୍କ ମୁଠାଏ ସ୍ୱପ୍ନ ଓ ଦୁର୍ଯ୍ୟୋଧନ ସାହୁଙ୍କ ଭକ୍ତି ରସାମୃତ ଓ ଭକ୍ତି କୌମୁଦୀ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ସାଂସ୍କୃତିକ କାର୍ଯ୍ୟକ୍ରମରେ ନାୟିକା ସୁଶ୍ରୀ ଆରାଧ୍ୟାଙ୍କ ନୂଆ ମ୍ୟୁଜିକ୍ ଭିଡିଓ ଧିରେ ଧିରେ ଫସେଇ ଦେଲୁନ ନୃତ୍ୟ,ପୁଷ୍ପଲତା ମିଶ୍ର ଓ ସୌଦାମିନୀ ତ୍ରିପାଠୀଙ୍କ ସର୍ବଶିକ୍ଷା ଅଭିଯାନ ଅଭିନୟ ଓ ଦେବେନ୍ଦ୍ର ନାୟକଙ୍କ ଜଗତରେ ଦେଖିନାହିଁ ଏମିତି ଠାକୁର ଅଭିନୟ ସଭିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।ସୁଦୂର କନ୍ଧମାଳ ଓ ରାୟଗଡା ର କୀର୍ତ୍ତନ ମଣ୍ଡଳୀଙ୍କ ବାଳିକା ମାନଙ୍କ ସଙ୍କୀର୍ତ୍ତନ,ଭାଇ ଭଉଣୀଙ୍କ ଲୋକନୃତ୍ୟ ସଭିଙ୍କୁ ଅଭିଭୂତ କରିଥିଲା ।ମଞ୍ଚ ପରିଚାଳନା ପ୍ରତୀକ ମିଶ୍ର,ଦେବଶ୍ରୀତା ମହାପାତ୍ର ଓ ବିଷ୍ଣୁ ପ୍ରସାଦ ମିଶ୍ର ,ଦୈତ୍ୟାରୀ ବେହେରା କରିଥିବା ବେଳେ ପରିଚୟ ପ୍ରଦାନ କରିଥିଲେ ଡଃ ତାନଶ୍ରୀ ପାଣିଗ୍ରାହୀ ଓ ଶାନ୍ତିଲତା ପଣ୍ଡା ଓ ଧନ୍ୟବାଦ ଅର୍ପଣ କରିଥିଲେ ଡଃ ସଂଯୁକ୍ତା ପରିଡ଼ା,ପୂର୍ଣ୍ଣଚନ୍ଦ୍ର ମେହେର ଓ ପ୍ରାଣବନ୍ଧୁ ରାଉତ ।

## ପାଚିକା, ସହାୟିକା ଙ୍କ କର୍ମଶାଳା ଓ ରନ୍ଧନ ପ୍ରତିଯୋଗିତା



**ପାଟଣା ୩୧/୧୨(ନି.ପ୍ର):** ସାହାରପଡା ବ୍ଲକ ର ସାହାରପଡା ବିଲ୍ଲାରାମଚନ୍ଦ୍ରପୁର ଓ ମାଛଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୨୬ ଓ ୨୭ ତାରିଖ ଦୁଇଦିନ ଧରି ପି ଏମ ପୋଷଣ ଯୋଜନାରେ ପାଚିକା ଓ ସହାୟିକା କର୍ମଶାଳା ସହ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।୩୦୯ ଜଣ ପାଚିକା ସହାୟିକା ଏଥିରେ ଅଂଶ ଗ୍ରହଣ କରିଥିଲେ ।ବି ଇଓ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ବିଆର ସି ସି ଦୟାନିଧି ପାତ୍ର , ଏମ ଡି ଏମ ନୋଡାଲ ଅଫିସର ଭାରତୀରାମ ,ମାଛଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଫଳ କୁମାର ଦେହୁରୀ ଅତିଥି ଭାବେ ଯୋଗଦେଇ କର୍ମଶାଳା କୁ ଉଦଘାଟନ କରିଥିଲେ ।ପ୍ରଶିକ୍ଷକ ଭାବେ ସିଆର ସିସି ସୁରେଶ ଚନ୍ଦ୍ର ନାଏକ ,ବଳଭଦ୍ର ମହାନ୍ତ,ବିରେନ୍ଦ୍ର କୁମାର ସାହୁ ,ଅଚ୍ୟୁତ୍ୟା ନନ୍ଦ ସାହୁ, ରାଜ୍ୟ ତାଲିମ ପ୍ରାପ୍ତ ପାଚିକା ହେମଲତା ମହାନ୍ତ ଓ ଉର୍ମିଳା ନାଏକ ପ୍ରଶିକ୍ଷଣ ଦେଇଥିଲେ ।ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଖାଦ୍ୟ ର ଗୁଣବତ୍ତା ପରିଷ୍କାର ପରିଚ୍ଛନ୍ନତା କୁ ନିରୀକ୍ଷଣ କରି ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପାଚିକା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଗଲା ।ବିଆର ସିସି ଦୟାନିଧି ପାତ୍ର ଓ ଏବି ଇଓ ଭାରତୀ ରାମ ଙ୍କ ତତ୍ତ୍ୱବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା ।

## ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମାଧବାନନ୍ଦ ଜିୟୁ ପରିଦର୍ଶନ

**ନିମାପଡା ୩୧/୧୨(ନି.ପ୍ର):** ।ରିଛକ ନିକଟସ୍ଥ ମହାପ୍ରଭୁ ଜଗନ୍ନାଥଙ୍କ ମାମୁଁ ଘର ମାଧବ ମାଧବାନନ୍ଦ ଜିୟୁଙ୍କୁ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପରିଦର୍ଶନ କରିଥିଲେ । ସୂଚନାରୁ ପ୍ରକାଶ ଗତ ଅଦିନିଆ ଲଘୁଚାପ ବର୍ଷା ରେ ନିଆଳି ବ୍ଲକରେ କ୍ଷତି ହୋଇଥିବା ଧାନ ଫସଲ କୁ ଦେଖିବାକୁ ଆସିଥିବା ବେଳେ ଜଗନ୍ନାଥଙ୍କ ମାମୁଁ ଘର ମାଧବ ମାଧବାନନ୍ଦ ଜିୟୁ ଙ୍କୁ ଦର୍ଶନ କରିବା ସହିତ ବେଢା ପରିକ୍ରମା କରିଥିଲେ । ଏହି ପରିଦର୍ଶନ ବେଢା ପରିକ୍ରମା ସମୟରେ ମାଧବାନନ୍ଦ ଜିୟୁ ଟ୍ରଷ୍ଟ ର ସଭାପତି ପ୍ରଶାନ୍ତ କୁମାର ଦେ୍ୱ ଗୋସ୍ୱାମୀ ସହିତ ତ୍ରିଲୋଚନ ପୁଷ୍ପଳକ ,ଭାସ୍କର ପୁଷ୍ପଳକ ,ଲକ୍ଷ୍ମୀଧର ପୁଷ୍ପଳକ ,ପୂର୍ଣଚନ୍ଦ୍ର ପୁଷ୍ପଳକ ,ବିଜୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଜଗନ୍ନାଥଙ୍କ ମାମୁଁ ଘର ମାଧବ ମାଧବାନନ୍ଦ ଜିୟୁ କୁ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପରିଦର୍ଶନ କରିବା ପାଇଁ ଆସିଥିବାରୁ ଟ୍ରଷ୍ଟ ର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର ସାଧୁବାଦ ଜଣାଇଥିଲେ ।

## ସାହାରପଡା ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

**ପାଟଣା ୩୧/୧୨(ନି.ପ୍ର):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣି ଶିବିର ରେ ଜିଲାପାଳ ବିଶାଲ ସିଂ, ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଟ୍ରେନିଂ ଆଇ ପି ଏସ ରାକେଶ ସାହୁ, ଅତିରିକ୍ତ ଜିଲ୍ଲାପାଳ ଆଲୋକ ପ୍ରଧାନ ,ଡିଏଫ୍ ଓ ଏଚ ଡି ଧନରାଜ ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ , ଆଇ ଟି ଡି ଏ ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ର , ବିଡ଼ିଓ ରଣଜିତ କୁମାର ମହାନ୍ତ,ସାହାରପଡା ତହସିଲଦାର ପରମାନନ୍ଦ ଖଣ୍ଡେଇ ଙ୍କ ସହ ବହୁ ଜିଲା ସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଶିବିର ରେ ଉପସ୍ଥିତ ଥିଲେ ।ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୨୦ ଟି ମାମଲା ଶୁଣାଣି ପାଇଁ ପଞ୍ଜିକୃତ ହୋଇଥିବା ବେଳେ ସର୍ବାଧିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୪୨ ଟି ମାମଲା ପଞ୍ଜିକୃତ ହୋଇଛି । କାର୍ଯ୍ୟକ୍ରମ କୁ ବ୍ଲକ ର ଜି ପି ଡି ଓ ଅନ୍ତର୍ଯ୍ୟାମୀ ସେଠୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ, ଯନ୍ତ୍ରୀ ଉତ୍କଳ କେଶରୀ ବେହେରା, ଲୋକନାଥ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ କୃଷି ବିଭାଗ ତରଫରୁ ଚାଷୀ ମାନଙ୍କୁ ସୂର୍ଯ୍ୟମୁଖୀ ବିହନ ବଣ୍ଟନ

**ମୁନିଗୁଡା ୩୧/୧୨(ନି.ପ୍ର):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଚାଷୀ ମାନଙ୍କର ତୈଳ ବୀଜ ଫସଲର ଚାହିଦାକୁ ଆଖି ଆଗରେ ରଖି ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ପ୍ରଣୟନ କରିଛନ୍ତି ।ଏହା ମଧ୍ୟରୁ କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ମୁନିଗୁଡା ବ୍ଲକରେ ଚଳିତ ବର୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ ରବି ଋତୁରେ କୃଷି ଜିଲ୍ଲା ଅଧିକାରୀ ଚିତ୍ତରଞ୍ଜନ ଶତପଥୀ, ଗୋଷ୍ଠୀ କୃଷି ଅଧିକାରୀ ଦୀପ୍ତିରାଣୀ ପଟ୍ଟନାୟକ, କୃଷି ଅଧିଦର୍ଶକ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଉପସ୍ଥିତିରେ ୫୩ ହେକ୍ଟର ଜମିରେ (୧୩୨.୫ଏକର)ଜମିରେ ସୂର୍ଯ୍ୟମୁଖୀ ବିହନ ବଣ୍ଟନ କରାଯାଇଅଛି ।ଏହି ବିହନକୁ ବିଶେଷ ଭାବରେ ମୁନିଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଯଥା ଇଚ୍ଛାପୁର ଓ ଆମ୍ବାଦୋଳା ରେ ୧୫ହେକ୍ଟର , ପାଇକ ରାଣୀପିଣ୍ଡା ରେ ୫ହେକ୍ଟର,ମୁନିଗୁଡା ରେ ୫ହେକ୍ଟର,ପାତ୍ରଗୁଡା ଓ ମୁନିଖୋଲ ରେ ୨୮ହେକ୍ଟର ଜମିରେ ଚାଷ ହେବା ପାଇଁ ବଣ୍ଟନ କରାଯାଇଅଛି ।କେ.ବି. ଏସ.ଏଚ -୭୮ ଓ ୮୫ ଭେରାଇଟିର ବିହନ ହେକ୍ଟର ପ୍ରତି ୫କେଜି ହିସାବରେ ଚାଷୀମାନଙ୍କୁ ପ୍ରଦାନ କରାଯାଇଅଛି । ପରବର୍ତ୍ତୀ ସମୟରେ ଡିବିଟି ମୋଡରେ ଆନୁଷଙ୍ଗିକ ପ୍ରୋତ୍ସାହନ ରାଶି ଚାଷୀ ମାନଙ୍କର ଜମାଖାତାକୁ ଯିବା ବିଷୟରେ ସୂଚନା ଦିଆଯାଇଛି ।ଚଳିତ ବର୍ଷ ଏହି ସୂର୍ଯ୍ୟମୁଖୀ ଚାଷକୁ ଅଧିକ ପ୍ରଶିକ୍ଷଣ ମାଧ୍ୟମରେ ଚାଷୀ ମାନେ ଭଲ ଭାବରେ କରିବା ପାଇଁ କୃଷି ଜିଲ୍ଲା ଅଧିକାରୀ ଓ ଗୋଷ୍ଠୀ କୃଷି ଅଧିକାରୀ ସୂଚନା ଦେଇଛନ୍ତି ।ବିଶେଷ ଭାବରେ ରଘୁନାଥ କଣ୍ଡାଗୋରି, ଲଚିନ୍ଦ୍ର କାଡ୍ରାକା,ପୁରୁଷୋତ୍ତମ ବାଞ୍ଛେଲିକା, ମାଣ୍ଡିକା ଶିରା , ପାଣିମାଝି କୁଲେଶିକା ଆଦି ଚାଷୀ ଏହି ବିହନକୁ କୃଷି କାର୍ଯ୍ୟାଳୟରୁ ଗ୍ରହଣ କରି ନିଜକୁ ଖୁସି ବ୍ୟକ୍ତ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ କୃଷି ଅଧିଦର୍ଶକ ହିମାଂଶୁ ଭୁଷଣ ମହାନ୍ତି, ପୋଟଲି ମାଝୀ,ପ୍ରକାଶ ଚନ୍ଦ୍ର ବେହେରା, ମମିତା କୁମାରୀ ପାଢ଼ୀ , ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ,ରଙ୍କନିଧି ପ୍ରଧାନ ଓ ଲୋପାମୁଦ୍ରା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ବିହନ ବଣ୍ଟନରେ ସହଯୋଗ କରିଥିଲେ ।



## ଗୁରୁ ସମ୍ମାନ ' ରେ ସମ୍ମାନିତ ହେଲେ ଗୁରୁ ରିନା ରାଣୀ ସାହୁ



**ଗୁଣପୁର ୩୧/୧୨(ନି.ପ୍ର):** ଜଗତର ନାଥ ଜଗନ୍ନାଥ ଧାମ ପୁରୀ, ଅନ୍ନପୂର୍ଣ୍ଣା ଥିଏଟରରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆନ୍ତର୍ଜାତିକ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉପେନ୍ଦ୍ର କୁମାର ଶର୍ମା (ଭାରତୀୟ ସାଂସ୍କୃତିକ ଶାଖାର ସଭାପତି) , ସାଗର ମହାନ୍ତି ( ସୁନାମଧନ୍ୟ ଆର୍କିଟେକଚର ବା ଏ ଯୁଗର ବିଶ୍ୱକର୍ମା) ଓ ରାମ ପ୍ରସାଦ ମହାନ୍ତି (ନାଟ୍ୟ ନିର୍ଦ୍ଦେଶକ, ଲେଖକ , ସଙ୍ଗୀତ ନିର୍ଦ୍ଦେଶକ) ମଞ୍ଚାସିନ ଥିଲେ । ଆମ ଦେଶର କୋଣ ଅନୁକୋଣରେ ସଙ୍ଗୀତ ଓ ନୃତ୍ୟ ଭରି ରହିଛି । ଆମ ଦେଶର ସଭ୍ୟତା ଯେତିକି ପୁରୁଣା ଏଠାର ସଙ୍ଗୀତ ଓ ନୃତ୍ୟ ସେତିକି ପୁରୁଣା । ସମାଜରେ ପ୍ରଚଳିତ ପରମ୍ପରା ଓ ବିଭିନ୍ନ ଭାବରୁ ନୃତ୍ୟର ସୃଷ୍ଟି । ବେଦ ବେଦାନ୍ତରେ ମଧ୍ୟ ଗୀତ ଓ ନୃତ୍ୟର ଉଲ୍ଲେଖ ରହିଛି । ଏହି ପୁରାତନ ନୃତ୍ୟ କଳାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଏଭଳି ପ୍ରୟାସ । ପୁରୀ ଠାରେ ଅନୁଷ୍ଠିତ ଏହି ଆନ୍ତର୍ଜାତିକ ଶାସ୍ତ୍ରୀୟ ନୃତ୍ୟ ଉତ୍ସବରେ ଭାରତର କୋଣ ଅନୁକୋଣରୁ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ନୃତ୍ୟ ଶିଳ୍ପୀ ମାନେ ଯୋଗଦେଇ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । ବିଶେଷ କରି କଥକ ,ଭାରତନାଟ୍ୟମ୍ , କୁଚିପୁଡି , ଓଡିଶୀ ନୃତ୍ୟଶିଳ୍ପୀ ମାନଙ୍କ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଏହି ଆନ୍ତର୍ଜାତିକ ଉତ୍ସବରେ ଗୁରୁ ରିନା ରାଣୀ ସାହୁ ଭାଗ ନେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଉପସ୍ଥିତ ଅତିଥିମାନେ ରିନା ରାଣୀ ଙ୍କ ନୃତ୍ୟ ପରିବେଷଣ ଶୈଳୀକୁ ଭୂୟସୀ ପ୍ରଶଂସା କରି ସହ ରିନା ରାଣୀ ସାହୁଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ' ଗୁରୁ ସମ୍ମାନ ' ରେ ସମ୍ମାନିତ କରିଥିଲେ ।

## ନିଶ୍ଚିନ୍ତକୋଇଲି ବ୍ଲକର କ୍ଷତିଗ୍ରସ୍ତ ଧାନ ଚାଷ ଜମି ବୁଲି ଦେଖିଲେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ

**ନିଶ୍ଚିନ୍ତକୋଇଲି,୩୧/୧୨(ନି.ପ୍ର):** ମାହାଙ୍ଗା ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନ ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ କ୍ଷୟକ୍ଷତି ହୋଇଥିବା ଧାନ ଫସଲକୁ ବୁଲି ଦେଖିଲେ । ଶ୍ରୀମାନ୍ ପ୍ରଧାନ ଏହି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମ ପଂଚାୟତର ଦହପଡା ଓ ସାଧୁପୁର, ବୋଧଙ୍ଗ, ବାଲିଆପଦା ଓ କେରିଲୋକୁ ଯାଇ କ୍ଷତିଗ୍ରସ୍ତ ଅଂଚଳ ବୁଲିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ବିଧାୟକଙ୍କ ସହିତ ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଦିବାକର ସ୍ୱାଇଁ, ଦିଲ୍ଲୀପ କୁମାର ରାଉତ, ସଞ୍ଜୟ ବେହେରା, ରବିଚନ୍ଦ୍ର ବେହେରା, କ୍ଷୀରୋଦ ପରିଡା, ଅଶୋକ କୁମାର ସାହୁ, ଦେବଦ□ କର ପ୍ରମୁଖ ଉପସ୍ଥିତ ଥିଲେ ।



## ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ପାଇବେ ସହାୟତା - ଭାଗ ଚାଷୀ ଭୋଗିବେ ଅସୁବିଧା

**ନିଶ୍ଚିନ୍ତକୋଇଲି,୩୧/୧୨(ନି.ପ୍ର):** ବର୍ଷା ଜଳ ଜନିତ ଫସଲ ହାନୀ ସହାୟତା ପ୍ରଦାନ ନେଇ ରାଜ୍ୟ ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁନଥିଲା ବେଳେ ଚାଷୀ ଏବେ ଚିନ୍ତାରେ । ଯେଉଁ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା କରିଛନ୍ତି ସେମାନେ କେତେ ପରିମାଣର ଧାନ ଫସଲ କ୍ଷତିର ବୀମା ସହାୟତା ଅର୍ଥ ପାଇବେ । ଯେଉଁମାନେ ଫସଲବୀମା କରିନାହାଁନ୍ତି ସେମାନେ କେତେ ପରିମାଣର କ୍ଷୟକ୍ଷତି ସହାୟତା ପାଇବେ ଏବେ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରପକ୍ଷରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ଚାଷୀଙ୍କ ଅପେକ୍ଷା ଭାଗ ଚାଷୀଙ୍କ ସଂଖ୍ୟା ଅଧିକ । ପୂର୍ବର ବିଜେଡି ସରକାର ଭାଗଚାଷୀଙ୍କୁ ଅଣଦେଖା କରୁଥିଲା ବେଳେ ବର୍ତ୍ତମାନର ସରକାର ଭାଗଚାଷୀଙ୍କ ସମସ୍ୟାକୁ ନେଇ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । ଜମି ମାଲିକ ଫସଲ ହାନୀ ସହାୟତା ପାଉଥିଲା ବେଳେ ପ୍ରକୃତ ଚାଷ କରୁଥିବା ଭାଗଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏଥିପ୍ରତି ମାନ୍ୟବର ରାଜ୍ୟ ମୁଖ୍ୟମନ୍ତ୍ରୀ ବିଚାର କରି ଭାଗଚାଷୀମାନଙ୍କୁ ଖରିଫ ଧାନ ଚାଷରେ ହୋଇଥିବା କ୍ଷତିପୂରଣ ପ୍ରଦାନ କରିବାକୁ ଭାଗଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଗୁହାରୀ କରିଛନ୍ତି ।

## ସ୍ୱର୍ଗତ ପ୍ରକାଶ ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ

**କଟକ ୩୧/୧୨(ନି.ପ୍ର):** ୮୪ ମଣ୍ଡଳୀ ମେହେନ୍ତର ସମିତିର ସଂପାଦକ ସ୍ୱର୍ଗତ ପ୍ରକାଶ ନାୟକଙ୍କ ଉଦ୍ଦେଶ୍ୟରେ ସମିତିର ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ଅଧ୍ୟକ୍ଷତାରେ କଟକ ଥୋରିଆସାହି ସ୍ଥିତ ସମିତିର ସ୍ଥାୟୀ ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅମର ଆତ୍ମାର ସଦ୍ ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ନାୟକଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇଥିଲା । ସେ ଜଣେ ମିଷ୍ଟଭାଷୀ, ମେଳାପୀ, ସଚ୍ଚୋଟ ଓ କର୍ମଯୋଗୀ ଥିଲେ । ସ୍ୱର୍ଗତ ନାୟକ ପେଶାରେ ସରକାରୀ ଚାକିରୀ କରିଥିଲେ ମଧ୍ୟ ନିଶାରେ ଜଣେ ସମାଜସେବୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ବରିଷ୍ଠ ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ, କଂଗ୍ରେସ ମୁଖପାତ୍ର ମାନସ ପରିଡା, ବରିଷ୍ଠ ନେତା ହରପ୍ରସନ୍ନ ଦାସ ଅତିଥି ଭାବେ ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିର ବରିଷ୍ଠ ମୁରବୀ ହରିବନ୍ଧୁ ନାୟକ, ରତ୍ନାକର ମୁଖୀ, ଦିବାକର ଢୋଲି, ନରେନ୍ଦ୍ରନାଥ ନାୟକ, ସୁବାଷ ନାୟକ, ଗୋବିନ୍ଦ ଘଡେଇ, ପ୍ରେମାନନ୍ଦ ମୁଖୀ, ପ୍ରତ୍ୟୁଷ ସାହୁ, ଋଷି କାଣ୍ଡି, ସୁରେନ ନାୟକ, ପ୍ରଶାନ୍ତ ନାୟକ, ପି□ ମାହାର, ସିଦ୍ଧାନ୍ତ ନାୟକ, ଚି□ରଂଜନ ନାୟକ, ବାନାମ୍ବର ନାୟକ, ବିଜୟାନନ୍ଦ ନାୟକ, ମାନସ ନାୟକ, ସନତ ମାହାର, ଶରତ ନାୟକ, ଆନନ୍ଦ ମୁଖୀ, ଅନୀଲ ନାୟକ, ଗୋପାଳ ନାୟକ, ମଧୁସୂଦନ ଘଡେଇ, ଅଜୟ ନାୟକ, ରାଜେଶ ରାଜଙ୍କ ସମେତ ସ୍ୱର୍ଗତ ନାୟକଙ୍କ ବୃଦ୍ଧା ମାଆ, ବିଧବା ପତ୍ନୀ, ପୁତ୍ର ଓ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ସମିତିର ବରିଷ୍ଠ ମୁରବୀ ଚରଣ ନାୟକ (ଗୋଲ୍‌ଡେନ୍ ବାବା) ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରି କୃଷି ମନ୍ତ୍ରୀଙ୍କୁ ଭେଟିଲେ ମାହାଙ୍ଗା ବିଜେପି ନେତା ସୁମନ୍ତ

**ମାହାଙ୍ଗା/ନିଶ୍ଚିନ୍ତକୋଇଲି,୩୧/୧୨(ନି.ପ୍ର):** ଲଘୁଚାପ ଜନିତ ଅଦିନିଆ ବର୍ଷାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାହାଙ୍ଗା ବ୍ଲକର ୩୭ଗୋଟି ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ଗୋଟି ପଂଚାୟତରେ ଖରିଫ ଧାନ ଚାଷର ବ୍ୟାପକ କ୍ଷୟକ୍ଷତି ହୋଇଛି । ଧାନ ଫସଲ ସହିତ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଛି । ଚାଷୀଙ୍କ ବିପଦ ସମୟରେ ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡେଇ କ୍ଷୟକ୍ଷତି ହୋଇଥିବା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତ ବୁଲି ଚାଷୀମାନଙ୍କୁ ଭେଟି ସେମାନଙ୍କୁ ସାନ୍ତ୍ୱନା ଦେବା ସହ ଯୁଦ୍ଧକାଳିନ ଭି□ରେ ଉଜୁଡିଯାଇଥିବା ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କର ତାଲିକା କୃଷି ବିଭାଗ ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିବା ସହ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଭେଟି ନିଜର ଦାବି ରଖିଛନ୍ତି ।

### *ବିଶିଷ୍ଟ ରାଜନେତା ସ୍ୱର୍ଗତ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ସଭାରେ କେନ୍ଦ୍ରମନ୍ତ୍ରୀ*

# ନିଜର ଅନନ୍ୟ ସ୍ୱଭାବ ପାଇଁ କିଶୋର ଦା' ଚିର ଅମର ହୋଇ ରହିବେ - ଧର୍ମେନ୍ଦ୍ର ପ୍ରଧାନ

**ଝାରସୁଗୁଡ଼ା, ୩୧/୧୨(ନି.ପ୍ର):** କିଶୋର ଦା' ବହୁତ ଭଲ ମଣିଷ ଥିଲେ । ହସି ହସି ସମସ୍ତଙ୍କ ସହ କଥା ହେଉଥିଲେ । ତାଙ୍କର ରାଗ ସ୍ୱଭାବ ନଥିଲା । ରାଜନୀତିରେ ଆସିବା ପୂର୍ବରୁ ମଧ୍ୟ ଲୋକଙ୍କ ସେବା କରିବା ପାଇଁ ସେ ଆଗଭର ରହୁଥିଲେ । ଏହି ଅନନ୍ୟ ସ୍ୱଭାବ ପାଇଁ କିଶୋର ଦା' ଓଡ଼ିଶା ବିଶେଷ ଭାବରେ ଝାରସୁଗୁଡାର ଜନସାଧାରଣଙ୍କ ହୃଦୟରେ ଚିର ଅମର ହୋଇ ରହିବେ ବୋଲି ସୋମବାର ଝାରସୁଗୁଡ଼ା ଠାରେ ଓଡ଼ିଶାର ପୂର୍ବତନ ବାଚସ୍ପତି, ରାଜ୍ୟସଭା ସାଂସଦ, ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱର୍ଗତ ମହାନ୍ତିଙ୍କ ଫଟୋମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ କିଶୋର ଦା' ଓ ମୁଁ ଉଭୟ ପ୍ରତ୍ୟକ୍ଷ ରାଜନୀତିରେ ଆସିବା ପୂର୍ବରୁ ଏବଂ ଆସିବା ପରେ ଅନେକ ଥର ସମୟ ବିତାଇଛୁ । ସେ ବହୁତ ସାଧାରଣ ମଣିଷ ଥିଲେ । ମୋତେ ବହୁତ ସ୍ନେହ ଆଦର କରୁଥିଲେ । ଆମ ଭିତରେ ରାଜନୈତିକ ବାଦ ବିବାଦ କେବେ ବି ନଥିଲା । ୨୦୦୦ ମସିହାରେ କିଶୋର ଭାଇ ଓ ମୁଁ ଏକାସାଙ୍ଗରେ ବିଧାନସଭାକୁ ନିର୍ବାଚିତ ହୋଇଥିଲୁ । ୨୦୦୪ରେ ଦେବଗଡ଼ ଲୋକସଭା କ୍ଷେତ୍ରର ମୁଁ ସାଂସଦ ଥିବା ବେଳେ ସେ ଝାରସୁଗୁଡ଼ାର ବିଧାୟକ ଥିଲେ । ପ୍ରତିକୂଳ ପରିସ୍ଥିତିରେ ଆମେ ଉଭୟ ନିର୍ବାଚନ ଲଢ଼ିଛୁ । ତାଙ୍କର ନୀତି ଆଦର୍ଶ ଆମ ପରି ଜନପ୍ରତିନିଧିଙ୍କ ପାଇଁ ପ୍ରେରଣାର ଉତ୍ସ । ଗରିବ ଓ ଅସହାୟ ଲୋକଙ୍କୁ ସାମାଜିକ ଜୀବନରେ ଭେଟିବାର ପ୍ରେରଣା ମୁଁ କିଶୋର ଦା'ଙ୍କ ଠାରୁ ପାଇଛି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଝାରସୁଗୁଡ଼ାର ବିକାଶ ଏବଂ ଝାରସୁଗୁଡ଼ା ମାଧ୍ୟମରେ ଓଡ଼ିଶାର ବିକାଶ, ଏହା ଥିଲା ତାଙ୍କର ପରିକଳ୍ପନା । ସେ ଆଜି ନାହାଁନ୍ତି ସତ କିନ୍ତୁ ଓଡ଼ିଆ ଜନଜୀବନରେ ଲମ୍ବା ସମୟ ପର୍ଯ୍ୟନ୍ତ କିଶୋର ଦା' ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ । ତାଙ୍କର ଦୁର୍ମୂଲ୍ୟ ବିଚାରକୁ ଅଧିକ ଦୀପ୍ତିମାନ କଲେ ହିଁ ତାଙ୍କ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ । ତାଙ୍କର ସ୍ମୃତି ରକ୍ଷା ପାଇଁ 'କିଶୋର ମହାନ୍ତି ଫାଉଣ୍ଡେସନ' ଗଠିତ ହେବା ସହ କିଶୋର ମହାନ୍ତି ସ୍ମୃତି କମିଟି ତରଫରୁ ହେଉଥିବା ବ୍ୟାପକ ଉଦ୍ୟମ ପ୍ରଶଂସନୀୟ ।

## ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ନିଶ୍ଚିନ୍ତକୋଇଲି,୩୧/୧୨(ନି.ପ୍ର):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନମନ୍ତ୍ରୀ ତଥା ବର୍ତ୍ତମାନ ରାଜ୍ୟ ବିଜେଡି ବରିଷ୍ଠ ଗଣମାଧ୍ୟମ ସଂଯୋଜକ ଶ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶରେ ସୋମବାର ଅପରାହ୍ନରେ ଅଦିନିଆ ଲଘୁଚାପ ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷୟକ୍ଷତି ଭରଣା କରିବା ନେଇ ନିଶ୍ଚିନ୍ତକୋଇଲି ତହସିଲଦାର ଅନୀତା ନାୟକଙ୍କ ଜରିଆରେ ଏକ ଲିଖିତ ଦାବି ପତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ୩୫ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଧାନ ଚାଷ ଜମିରେ କ୍ଷତି ପହଞ୍ଚିଥିବା ବେଳେ ଅନେକ ଚାଷୀମାନଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପହଞ୍ଚି ପାରିନାହିଁ । ଯେଉଁ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କରିଛନ୍ତି ସେମାନଙ୍କୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୃଷି ରକ୍ଷକ ଆପ୍ ଏବଂ ହେଲ୍‌ପଲାଇନ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଥିବା ବେଳେ ଚାଷୀମାନେ ବାରମ୍ବାର ଚେଷ୍ଟା କଲେ ମଧ୍ୟ ଉଭୟ କୃଷି ରକ୍ଷକ ଆପ୍ ଓ ହେଲ୍‌ପଲାଇନ୍ ନମ୍ବରରେ ନାମ ପଞ୍ଜିକୃତ କରିବାକୁ ସମର୍ଥ ହେଉନାହାଁନ୍ତି । ଏଥିପାଇଁ ସରକାରଙ୍କ ପକ୍ଷରୁ ପ୍ରଦ□ କ୍ଷତି ପଞ୍ଜିକରଣ ସମୟ ସୀମା ନିର୍ଦ୍ଧାରିତ ୭୨ ଘ□ାରୁ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ । ବର୍ଷା ପୂର୍ବରୁ ଅଧିକାଂଶ ଜାଗାରେ କ୍ରପ୍ କଟିଙ୍ଗ୍ ରିପୋର୍ଟ ବୀମା କଂପାନୀମାନେ ସଂପନ୍ନ କରିଥିବାରୁ ସାନି କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଓ କ୍ଷୟକ୍ଷତିର ସଠିକ୍ ଆକଳନ କରି ସମସ୍ତ ଯୋଗ୍ୟ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ଭୂପତି ଭୂଷଣ ଷଣ୍ଢ, ପୂର୍ବତନ ସରପଂଚ କ୍ଷୀରୋଦ କୁମାର ପଣ୍ଡା, ମନୋରଂଜନ ସ୍ୱାଇଁ, ବିଜେଡି କୃଷକ ନେତା ଜ୍ୟୋତିପ୍ରକାଶ ସ୍ୱାଇଁ, ସରପଂଚ ଜୟଦେବ ରାଉତ, ହିମାଂଶୁ ନାରାୟଣ ମଲ୍ଲ, ରାକେଶ ସାମଲ, ସମିତିସଭ୍ୟ ପ୍ରଦୋଷ ସାହୁ, ଚାଷୀ ପରିକ୍ଷିତ ରାଉତ, ବିବେକାନନ୍ଦ ବେହେରା, ମାୟାଧର ପରିଡା, ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ ବିଜୁ ଜନତା ଦଳ ସମର୍ଥିତ ସରପଂଚ, ସମିତିସଭ୍ୟମାନେ ଯୋଗଦେଇଥିଲେ । ଯଦି ରାଜ୍ୟ ସରକାର ତଥା ପ୍ରଶାସନ ପକ୍ଷରୁ ଅଦିନିଆ ବର୍ଷାରେ ଫସଲ ଉଜୁଡି ଯାଇଥିବା ଚାଷୀମାନଙ୍କ ସଠିକ୍ କ୍ଷୟକ୍ଷତି ଆକଳନ ଓ ସେମାନଙ୍କୁ ସହାୟତା ପ୍ରଦାନ କରାନଯାଏ ତାହାହେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

# ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ୨୦୦୦ବ୍ୟାଚ୍ ଛାତ୍ରଙ୍କର ବନ୍ଧୁମିଳନ

ଜାମଦା **୩୧/୧୨(ନି.ପ୍ର):** ସମୟ ସୁଅରେ ଏବେ ସମସ୍ତେ ବ୍ୟସ୍ତ । କିଏ କର୍ମମୟ ଜୀବନର ଚାପରେ ତ ଆଉ କିଏ ପାରିବାରିକ ଜଞ୍ଜାଳରେ ବନ୍ଧା । ଇଚ୍ଛା ଥିଲେ ବି ଯେମିତି କାହା ପାଇଁ କାହା ପାଖରେ ନାହିଁ ସମୟ । ଏମିତିରେ ଏବେ ଅନେକଙ୍କ ପାଇଁ ସ୍କୁଲ୍ ? ଆଉ କଲେଜ ବେଳର ଅପାସୋରା ସ୍ମୃତିକୁ ତାଜା କରିବାର ବଳିଷ୍ଠ ମାଧ୍ୟମ ସାଜିଛି ପୁରାତନ ବନ୍ଧୁମିଳନ ଉତ୍ସବ । ଶିଳ୍ପ ତାଲିମ ଅନୁଷ୍ଠାନ ବ୍ରହ୍ମପୁର ୨୦୦୦ବ୍ୟାଚ୍ ଛାତ୍ରଙ୍କର ପାରିବାରିକ ବନ୍ଧୁମିଳନ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡସ୍ଥ ସୁଲେଇପାଟ୍ ଠାରେ ଅନୁଷ୍ଠିତ ହୋଇଯାଇଛି ।ମୁନା ସର୍ଦ୍ଦାରଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ବାଇଧର ବାବୁ ଉପସ୍ଥିତ ରହି ୨୪ ବର୍ଷ ପରେ ୨୦୦୦ବ୍ୟାଚ୍ ର ମୋଟ ୮୦ଜଣ ସାଥୀ ଏକତ୍ରିତ ହୋଇପାରିଥିବାରୁ ସମସ୍ତଙ୍କ ଠାରେ ଆନନ୍ଦର ଲହରୀ ଖେଳିଯାଇଛି ।ସବୁ ସାଥୀ ବର୍ତ୍ତମାନ ନିଜ ନିଜ ଧନ୍ଦାରେ ବ୍ୟସ୍ତ ଥାଇ ନିଜ ନିଜ ଅଞ୍ଚଳରେ ସମାଜସେବା କରିବାକୁ ଶପଥ ନେଇଥିଲେ ।ଜାମଦା ବ୍ଲକ ଘୁମାଳ ଗାଁ ର ସମାଜସେବୀ ଟୁକୁରାମ ମହାନ୍ତ ଅତିଥି ପରିଚୟ ଦେଇ ଭାଇଚାରା ବନ୍ଧୁତ୍ୱର ଅତୁଟ ସଂପର୍କ ଓ ଦୁଃଖର ସମୟରେ ସାହାହେବାକୁ ଆହ୍ୱାନ ଦେଇଥିଲେ ।ବନ୍ଧୁମିଳନ ସଭାରେ ପାଠ ପଢିବା ସମୟର ସ୍ମୃତି ଉପରେ ଓ ବର୍ତ୍ତମାନ ନିଜ ନିଜର କାର୍ଯ୍ୟକଳାପ ଉପରେ ବଖାଣିଥିଲେ । ସୁନ୍ଦର ମୋହନ,ଫାଗୁ ହାଁସଦାଃ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଜାସ୍ମେନ୍ ସୋରେନ,ଦୁର୍ଗାଚରଣ ହେମ୍ବ୍ରମ,ଚନ୍ଦ୍ରକାନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।ଶେଷରେ ତରୁଣ କୁମାର ଚାତାର ସମସ୍ତଙ୍କୁ ସାଧୁବାଦ ଅର୍ପଣ କରିଥିଲେ ।

# ମୃତ୍ୟୁ ସହ ସଂଘର୍ଷ କରୁଛି ସ୍ତ୍ରୀ, ମେଡ଼ିକାଲରେ ବନ୍ଧା ପଡିଛନ୍ତି ସ୍ୱାମୀ

## ସହଯୋଗ କଲେ ସ୍ୱେଚ୍ଛାସେବୀ, ଜାଣୁନାହାଁନ୍ତି ପ୍ରଶାସନ ଓ ରାଜନେତା



ବୁଗୁଡ଼ା **୩୧/୧୨(ନି.ପ୍ର):** ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସହଯୋଗର ହାତ ବଢ଼ାଇଲେ ବିଭିନ୍ନ ସଂଗଠନ ଓ ସମାଜସେବୀ, କିନ୍ତୁ ପ୍ରଶାସନର ଏପର୍ଯ୍ୟନ୍ତ ଦେଖା ମିଳୁନଥିବା ବେଳେ ନିରବ ଦ୍ରଷ୍ଟା ରାଜନେତା। ଏହିପରି ଏକ ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳଛି ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପାଙ୍ଗିଡି ପଞ୍ଚାୟତର ବେଲପୁର ଗ୍ରାମରେ। ଯକୃତ ରୋଗାଗ୍ରସ୍ତ ସ୍ତ୍ରୀ ମିଲି ନାୟକ ଓ ବ୍ରେନ ଷ୍ଟ୍ରୋକ ଚିକିତ୍ସାଧିନ ତାଙ୍କ ସ୍ୱାମୀ ଶରତ ନାୟକ ଅର୍ଥାଭାବରୁ ମେଡ଼ିକାଲରେ ବନ୍ଧା ପଡିଥିବା ବିଷୟରେ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗର ହାତ ବଢ଼ାଇଥିବା ବେଳେ ଗତ ଦୁଇଦିନ ତଳେ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ପହଞ୍ଚି କିଛି ଆର୍ଥିକ ସହାୟତା ଦେବା ସହିତ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସେହିପରି ଭାବେ ଗତକାଲି ସମାଜସେବୀ ତଥା ବିଭିନ୍ନ ସମୟରେ ଲୋକଙ୍କୁ ଅଭାବ ଥିବା ରକ୍ତ ଯୋଗାଉଥିବା ସହଯୋଗୀ ବନ୍ଧୁ ଭାବେ ପରିଚିତ ଅକ୍ଷୟ କୁମାର ରାଉତ ବେଲପୁର ଗ୍ରାମରେ ପରିବେଶବିତ୍ ବଂଶୀଧର ନାୟକ ଓ ନିଜ ଗ୍ରାମର କିଛି ଯୁବକଙ୍କ ସହିତ ପହଞ୍ଚି କିଛି ଆର୍ଥିକ ସହାୟତା ଦେବା ସହିତ ଶୀତବସ୍ତ୍ର ପ୍ରଦାନ କରିଥିଲେ। ବିଏସକେୱାଇ, ଓଡ଼ିଶା ଷ୍ଟେଟ ଟ୍ରିଟମେଣ୍ଟ ଫଣ୍ଡ, କେନ୍ଦ୍ର ସରକାରଙ୍କ ଆୟୁଷ ହେଲଥ କାର୍ଡ ଥାଇ ମଧ୍ୟ ସରକାରୀ ହସ୍ପିଟାଲ ସହିତ ବେସରକାରୀ ହସ୍ପିଟାଲରେ ଗରିବ ଲୋକ ପାଇଁ ଚିକିତ୍ସା ବ୍ୟବସ୍ଥା ଥିବା ବେଳେ ସ୍ଥାନୀୟ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଶ୍ରୀ ରାଉତ କ୍ଷୋଭ ପ୍ରକାଶ କରିଥିଲେ। ଅକ୍ଷୟ କୁମାର ରାଉତ ଦୁଇ ଦିନ ପରେ ଭୁବନେଶ୍ୱର ଯାଇ ଦାୟିତ୍ୱ ରେ ଥିବା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଭେଟି ଏହି ସ୍ୱାମୀ ଓ ସ୍ତ୍ରୀ ଦୁଇଜଣ ଯେପରି ଚିକିତ୍ସିତ ହେବେ ଚେଷ୍ଟା କରିବେ ବୋଲି କହିଥିଲେ। ଅର୍ଥ ଅଭାବ ଯୋଗୁଁ ଭୁବନେଶ୍ୱରର ମେଡ଼ିକାଲରେ ବନ୍ଧକ ଥିବା ଲିଲିଙ୍କ ସ୍ୱାମୀ ଶରତ ନାୟକଙ୍କୁ ଉଦ୍ଧାର କରିବାକୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାସହିତ ଲିଭର ଜନିତ ରୋଗରେ ଆକ୍ରାନ୍ତ ମିଲି ମଧ୍ୟ ପ୍ରକାଶ କରିଥିଲେ ଯେ, ଖବର ପ୍ରସାରଣ ପରେ ସମସ୍ତେ ସାହାଯ୍ୟ କରୁଛନ୍ତି କିନ୍ତୁ ସରକାର ମୋ ଦୁଃଖ ବୁଝୁନାହାନ୍ତି, ଯଦି ସରକାର ମୋ ଦୁଃଖ ବୁଝନ୍ତେ ମୋ ସ୍ୱାମୀ ଶୀଘ୍ର ଘରକୁ ଫେରି ଆସିପାରନ୍ତେ।

# ବରିଷ୍ଠ ସାମ୍ବାଦିକ ଅଭୟ ବାବୁଙ୍କ ପତ୍ନୀ ବିୟୋଗ

ବୁଗୁଡା **୩୧/୧୨(ନି.ପ୍ର):** ବୁଗୁଡାର ବରିଷ୍ଠ ସାମ୍ବାଦିକ ଅଭୟ ପ୍ରସାଦ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ଭାଗ୍ୟଲତା ପାଣିଗ୍ରାହୀ(୬୨)ଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଡିସେମ୍ବର ୩୦ ତାରିଖ ସକାଳେ ସେ ହୃଦଘାତର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୁ ଓ ନାତି ନାତୁଣୀ ଉପସ୍ଥିତ ରହିଥିଲେ। ତାଙ୍କର ମର ଶରୀରକୁ ନିଜର ଲକ୍ଷ୍ମୀପୁର ଗ୍ରାମକୁ ଅଣାଯାଇଥିଲା ବେଳେ ସେଠାରେ ଗ୍ରାମବାସୀ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ଧର୍ମପରାୟଣା, ମେଳାପି ଓ ପରୋପକାରୀ ମହିଳା ଥିଲେ । ସ୍ୱର୍ଗତା ଭାଗ୍ୟଲତାଙ୍କ ଦେହାନ୍ତରେ ସ୍ଥାନୀୟ ପ୍ରେସ୍ କ୍ଲବ ପକ୍ଷରୁ ମଧ ଶୋକ ପ୍ରକଟ ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇଛି।

# ବଢେଇଶୁଣି କ୍ରିକେଟ ପ୍ରତିଯୋଗିତା ଡୁମୁରିଆ ଚମ୍ପିୟାନ

ପାଟଣା **୩୧/୧୨(ନି.ପ୍ର):** ପାଟଣା ବ୍ଲକ୍ ଅନ୍ତର୍ଗତ ଡୁମୁରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତଣ୍ଡୋ ଗ୍ରାମ ରେ ମା ବଢେଇଶୁଣି କ୍ରିକେଟ କ୍ଲବ ର ବାର୍ଷିକ କ୍ରିକେଟ ପ୍ରତିଯୋଗିତା ର ଉଦଯାପନୀ ଦିବସ ରେ ନୁସୁରିପଶି ଓ ଡୁମୁରିଆ ମଧ୍ୟରେ ଫାଇନାଲ ଅନୁଷ୍ଠିତ



ହୋଇଥିଲା। ଉକ୍ତ ମ୍ୟାଚ ରେ ଡୁମୁରିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୬ ଗୋଟି ୱିକେଟ୍ ହରାଇ ୮୦ ରନ କରିଥିଲା। ଜବାବ ରେ ନୁଶୁରିପଶି ଦଳ ୯ ଗୋଟି ୱିକେଟ୍ ହରାଇ ୭୯ ରନ କରିବାକୁ ସକ୍ଷମ ହୋଇଥିଲା। ଡୁମୁରିଆ ଦଳ ଫାଇନାଲ ମ୍ୟାଚ କୁ ୧ ରନ ରେ ବାଜି ମାରି ନେଇଥିଲା। ଚାମ୍ପିଅନ ଦଳ କୁ ନଗଦ ୧୨ହଜାର ଓ ଉପ ବିଜେତା ଦଳ କୁ ୮ହଜାର ଟଙ୍କା ପ୍ରଦାନ ସହିତ ମ୍ୟାନ ଅଫ ଦ ସିରିଜ୍ ଭାବେ ନୀତେଶ କୁମାର ମହାନ୍ତ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସମାଜ ସେବୀ ନୀଳାମ୍ବର ନାଏକ ଓ ସମ୍ମାନିତ ଅତିଥି ଭାବେ କେଦାର ପଳେଇ, ହରିହର ନାଏକ,କଂସରାଜ ନାଏକ, ସୁଦର୍ଶନ ନାଏକ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ଦୀପକ କୁମାର ନାଏକ ଓ ମଣ୍ଟୁ ନାୟକ , ସ୍କୋରବୋର୍ଡ ରେ ସୁବଳ ସେଠୀ ଓ ପ୍ରହ୍ଲାଦ ନାଏକ ଓ ଧାରା ବିବରଣୀ ରେ ସୁଶିଲ କୁମାର ନାଏକ ଓ ବିଜୟ କୁମାର ନାଏକ କାର୍ଯ୍ୟ ତୁଲାଇ ଥିଲେ। କ୍ଲବ ସଭାପତି ପ୍ରମୋଦ କୁମାର ଦେହୁରୀ ଓ ଗଙ୍ଗାଧର ନାଏକ, ଖଗେଶ୍ୱର ନାଏକ, ସୁଶାନ୍ତ ନାଏକ, ମୁନା ନାଏକ, ମୋନଜ ନାଏକ, ଅଜୟ କୁମାର ନାଏକ, କ୍ଷିରୋଦ ନାଏକ,ସୁରେଶ ନାଏକ, ମକରଧ୍ୱଜ ନାଏକ, ପ୍ରଦ୍ୟୁମ୍ନ ନାଏକ ଖେଳ କୁ ପରିଚାଳନା କରିଥଲେ।

# ଚାଳିଶ ବର୍ଷ ପୁରୁଣା ଇନ୍ଦ୍ରାବତୀ ବ୍ରିଜ ରେ ଚାଲୁଛି ଭାରିଯାନ :ସ୍ଥାୟୀତ୍ୱ ନେଇ ଆଶଙ୍କା

ତେନ୍ତୁଳିଖୁଣ୍ଟି **୩୧/୧୨(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ର ମଞ୍ଚାଗାଁ ଗ୍ରାମ ପଞ୍ଚାୟତ ରେ ପୋଡ଼ଗଡ ବନ୍ଧ ଓ କପୁର ମାଟି ବନ୍ଧ ନିର୍ମାଣ ତଥା ଗମନାଗମନ ସୁବିଧା ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପ ଓଡ଼ିଶା ନିର୍ମାଣ ନିଗମ ଦ୍ୱାରା ଇନ୍ଦ୍ରାବତୀ ବ୍ରିଜ ନିର୍ମାଣ କରିଥିଲା। ୧୯୮୪ ରୁ ମାଟି ବନ୍ଧ ନିର୍ମାଣ ପାଇଁ ଭାରି ଯାନ ଯାଆ ଆସ କରୁଥିଲା । ବୈଷୟିକ ଦୃଷ୍ଟି କୋଣ ରୁ ବ୍ରିଜ ଉପରେ ଏକ ନିର୍ଦ୍ଧିଷ୍ଟ ଟନ ସାମଗ୍ରୀ ଥିବା ଭାରି ଯାନ ଯାଇପାରିବ। ଭାରି ଯାନ ଯିବା ବେଳେ ବ୍ରିଜ ଯେତିକି ମାତ୍ରା ରେ ତରଙ୍ଗ ସୃଷ୍ଟି ହେବା କଥା ସେତିକି ତରଙ୍ଗ ପାଇଁ ବର୍ତ୍ତମାନ ପ୍ରତିବନ୍ଧକ ସୃଷ୍ଟି କରିଛି ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ। ବ୍ରିଜ ର ଗୋଟିଏ ପାର୍ଶ୍ୱ ରେ ବାର ରୁ ଉର୍ଦ୍ଧ୍ୱ ପାଇପ କଂକ୍ରିଟ କରି ସ୍ଥାୟୀ ରୂପେ ଭାର ବୃଦ୍ଧି କରି ତରଙ୍ଗ ରେ ବାଧକ ସାଜିଛି।



ବେଡି ଉପରେ କୋରଡ଼ା ମାଡ ଭଳି ବର୍ତ୍ତମାନ ମେଗା ଲିଫ୍ଟ ଜଳସେଚନ ପାଇଁ ଦିନକୁ ତିନି ରୁ ପାଞ୍ଚ ଭାରି ଯାନ ପାଇପ ବୋଝେଇ କରି ବ୍ରିଜ ଦେଇ ଚଳାଚଳ କରୁଛି। ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକ ରେ ବ୍ରିଜ ଥିବା ସତ୍ତ୍ୱେ ନା ମେଗା ଜଳଯୋଗାଣ ପ୍ରକଳ୍ପ ବ୍ରିଜ ଉପରେ ଏକ ପାର୍ଶ୍ୱ ରେ ପାଇପ ବିଛଇବା ବେଳେ ଅନୁମତି ନେଇ ଥିଲା ,ନା ବିଛାଇବା କାର୍ଯ୍ୟ ବେଳେ ପ୍ରକଳ୍ପ କର୍ତ୍ତୃପକ୍ଷ ବ୍ରିଜ୍ରେ ଭବିଷ୍ୟତ ବୈଷୟିକ ଦିଗ ପ୍ରତି ଅନୁଧ୍ୟାନ କରି ମେଗା ପ୍ରକଳ୍ପ କୁ ବିକଳ୍ପ ବ୍ୟବସ୍ଥା ପାଇଁ ତାଗିଦ୍ କରିଥିଲେ। ପ୍ରକଳ୍ପ ଅଧୀନ ରାସ୍ତା ଯେଉଁ ଦୂରବସ୍ଥା ରେ ଅଛି ତାର ପୁନଃ ନିର୍ମାଣ କରିବା ଦୂର କଥା ସାମାନ୍ୟ ମରାମତି ଠିକ୍ ରୂପେ କରୁନି । ଏପରି ସ୍ଥଳେ ଯଦି ଚାଳିଶ ବର୍ଷ ପୁରୁଣା ଇନ୍ଦ୍ରାବତୀ ବ୍ରିଜ ଭାରି ଯାନ ଚଳାଚଳ ଯୋଗୁଁ କ୍ଷତଗ୍ରସ୍ତ ହେଲେ ମଞ୍ଚାଗାଁ ,ଜଗନ୍ନାଥ ପୁର ଝାଡବନ୍ଧ ଆଦି ପଞ୍ଚାୟତ କୁ ଯାତାୟାତ ବାଧାପ୍ରାପ୍ତ ହେବ । ଏଣୁ ଭାରି ଯାନ ଚଳାଚଳ ନ କରିବା ତଥା ମେଗା ଜଳ ଯୋଗାଣ ପ୍ରକଳ୍ପ କୁ ପାଇପ୍ ବିଛାଇବା ରେ ବିକଳ୍ପ ବ୍ୟବସ୍ଥା କରିବା କୁ ତାଗିଦ୍ କରିବା ଉଚିତ୍ ବୋଲି ବୁଦ୍ଧିଜୀବୀ ମହଲ ରୁ ଦାବୀ ହେଉଛି।

# ଟାଙ୍ଗୀ ବ୍ଲକରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ



ବାଣପୁର **୩୧/୧୨(ନି.ପ୍ର):** ସୋମବାର ଦିନ ଟାଙ୍ଗୀ ବ୍ଲକ ଅନ୍ତର୍ଗତ, କମାଗୁରୁ ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି। ମୋଟ ୩୮୦ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୩୬୫ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୮ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨ ଜଣ ହିତାଧିକାରୀଙ୍କୁ ଯଥା କ୍ରମେ ୩୦,୦୦୦/- ,୧୦,୦୦୦/-ଟଙ୍କା ଲେଖାଏ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ଆର୍ଥିକ ସହାୟତା ରାଶି ଏବଂ ଜଣଙ୍କୁ ୧୫,୦୦୦/- ଟଙ୍କା ରେଡକ୍ରସ ପାଣ୍ଠି ରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।ଆଜିର ମିଳିତ ଜନଶୁଣାଣି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନସେଠୀ, ଅଧକ୍ଷା ରିସ୍ମା ମାନ୍ଧାତା, ଟାଙ୍ଗୀ ବ୍ଲକ ସି ଡ଼ି ଏମ୍ଓ, ଆସିଷ୍ଟାଣ୍ଟ କଲେକ୍ଟର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡିରେ ଧାନ ରଖିବାକୁ ଗୋଦାମ ନାହିଁ ତରପୋଲିନ୍ ଭରସା

ଛତ୍ରପୁର **୩୧/୧୨(ନି.ପ୍ର):** ବର୍ଷ ତମାମ ନିରବ ବସିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ମଣ୍ଡି ଖୋଲିବା ସମୟ ଆସିଲେ ଗୋଦମ ଚିନ୍ତା ଘାରୁଛି ’ କିନ୍ତୁ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇପାରିନି ଭାତହାଣ୍ଡିରୁ ଗୋଟିଏ ଚିପିବା ନ୍ୟାୟରେ ଛତ୍ରପୁର ବ୍ଲକ୍ ଭିକାରି ପଲ୍ଲୀ ପଞ୍ଚାୟତର ସାମନ୍ତରାପୁରସ୍ଥିତ ରାଧାକୃଷ୍ଣ ସେବା ସମିତିର କଥା ବିଚାରରେ ନେଲେ ଚଳିତ ଖରିଫଋତୁରେ ଗୋଟିଏ ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ଧାନ କିଣିବାକୁ ନିଷ୍ପତ୍ତି ନିଆଯାଇଛି ଚଳିତବର୍ଷ ୫ଶହରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକିବାକୁ ନାମ ପଞ୍ଜିକରଣ କରିଛନ୍ତି ଏହି ସମବାୟ ସମିତି.୭ଗୋଟି ଗ୍ରାମକୁ ନେଇ ଗଠିତ ସାମନ୍ତରାପୁର’ ବ୍ରାହ୍ମଣିଆ ପଲ୍ଲୀ ’ଭିକାରି ପଲ୍ଲୀ’ କେଉଁଟ ପଲ୍ଲୀ ’’ଗୋଲାପଲ୍ଲୀ’ ଦନ।ଇ ବ୍ରହମପୁର’ ଓ ସନ୍ଦର ପୁର ପଞ୍ଚାୟତର ଶିଖର ପଲ୍ଲୀ ଗ୍ରାମ କୁ ନେଇ ଗଠିତ ଗତବର୍ଷ ଚାଷୀମାନେ ନିଜ ଜମିରୁ ଅମଳ ଧାନକୁ ସିଧାସଳଖ ମିଲରକୁ ବିକ୍ରି କରିପାରୁଥିଲେ । କିନ୍ତୁ ଚଳିତ ବର୍ଷ ଚାଷୀଙ୍କ ଧାନକୁ ମଣ୍ଡିକୁ ଅଣାଯିବା ପରେ ସେଠାରେ ଓଜନ ସହ ମାନ ନିର୍ଦ୍ଧାରଣ କରିବାପରେ ମିଲ୍ କୁ ପଠାଇ ଦିଆଯିବ । ତେବେ ଚାଷୀଙ୍କରଧାନ କେଉଁଠି ରହିବ’ବର୍ତ୍ତମାନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏହି ଚିନ୍ତା ଘାରିଛି । ରାଧାକୃର୍ଷ୍ଣ ସେବା ସମବାୟ ସମିତିର ନିଜସ୍ୱ ଗୋଦାମଗୃହ ନାହିଁ। ଫଳରେ ସ୍ୱୟଂ ସହାୟିକା ଗୋଷ୍ଠୀ ତ।ର୍ପୋଲିନ୍ ଘୋଡାଇ ଅସ୍ଥାୟୀଘର ନିର୍ମାଣ କରିଥିବା ଦେଖିବାକୁ ମିଳିଛି ।ଯଥା ଶୀଘ୍ର ଏହିରାଧାକୃଷ୍ଣ ସେବା ସମବାୟ ସମିତିର ସ୍ଥାୟୀ ଗୋଦାମ ଗୃହ ନିର୍ମାଣ ପାଇଁ ନାଗରିକ ମଞ୍ଚ ସଭାପତି ସନ୍ତୋଷ ରଥ ଦାବୀ କରିଛନ୍ତି, ଏନେଇ ଶ୍ରୀ ରଥ ପ୍ରେସ ରିଲିଜ ମାଧ୍ୟମରେ ଜଣାଇଛନ୍ତି।



# ଲଘୁଚାପ ଜନିତ କ୍ଷୟକ୍ଷତି ର ଅନୁଧ୍ୟାନ କଲେ ରାଜ୍ୟ ଉପ ମୁଖ୍ୟ ମନ୍ତ୍ରୀ

ନିମାପଡ଼ା **୩୧/୧୨(ନି.ପ୍ର):** ପୁରୀ ଜିଲ୍ଲା ନିମାପଡ଼ା ଓ ଗୋପ ବ୍ଲକ୍ ରେ ଲଘୁଚାପ ଜନିତ ଅଦିନିଆ ଲଗାତାର ବର୍ଷା ଫଳରେ ନିମାପଡ଼ା ଓ ଗୋପ ବ୍ଲକ୍ ର ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି ।ରାଜ୍ୟ ଉପ ମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବିଭାଗୀୟ ଅଧିକାରୀ ଙ୍କ ସହିତ ଗୋପ ବ୍ଲକ୍ ର ଡ଼ଭାର, ରାହାଙ୍ଗା ଗୋରଡ଼ା,କୁସୁପୁର , ତେରୁଣ୍ଡିଆ, ଡେଣୁଅ ଚଅଁରପଦା ପ୍ରଭିତିଗ୍ରସ୍ତରେ ଯାଇଁ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।କ୍ଷତିଗ୍ରସ୍ତ ବିଲକୁ ଯାଇ ଫସଲ ଦେଖିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ ।ରାଜସ୍ୱ ଓ କୃଷି ବିଭାଗ ମିଳିତ ଭାବରେ କ୍ଷୟ କ୍ଷତି ର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସରକାର ସମସ୍ତ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ କ୍ଷତି ପୁରଣ ପ୍ରଦାନ କରିବା ପାଇଁ ଘୋଷଣା କୁ ଚାଷୀ ମାନେ ସ୍ୱାଗତ କରିଥିଲେ ।ଏହି ଅନୁଧ୍ୟାନ ସମୟରେ ବ୍ଲକ କୃଷି ଅଧିକାରୀ ଚନ୍ଦ୍ର ଶେଖର ଦାସ ,ରାଜସ୍ୱ ନୀରିକ୍ଷକ ଖଣ୍ଡାସାହି ,କୃଷି ଗ୍ରାମସେବକ ପ୍ରଭାତୀ ଦାସ ,ଜ୍ୟୋସ୍ନା ରାଣୀ ମହାନ୍ତି ,ଆଲୋକ ବେଉରା , ଡ଼ ଭାର ସରପଂଚ ଜଗବନ୍ଧୁ ବରାଳ ସଭାପତି ନିରଞ୍ଜନ ବରାଳ ସମେତ ବିଭିନ୍ନ ବିଭାଗ ର କର୍ମଚାରୀ ମାନ ଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।ଖୁବ୍ ଶୀଘ୍ର କ୍ଷୟକ୍ଷତି ପ୍ରଦାନ କରାଯିବ ବୋଲି ଉପ ମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ।

# ଲଘୁଚାପ ବର୍ଷାରେ କ୍ଷତିପୂରଣ ଦାବିରେ ଧାନ ଓ କପା ଚାଷୀଙ୍କ , ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ

ଗୁଣପୁର**୩୧/୧୨(ନି.ପ୍ର):** ଆଜି ଅଖିଳ ଭାରତ କୃଷକ ମହାସଭା (AIKM) ତରଫରୁ ଗୁଣପୁର ବାଇପାସ୍ ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଋଣ ବୋଝ ଓ ଆତ୍ମହତ୍ୟା ଦୂର କରିବା ପାଇଁ ସମସ୍ତ ଚାଷୀମାନଙ୍କୁ କୃଷି ଋଣ ଛାଡ଼ କରିବା, ମଣ୍ଡିରେ କଟଣି - ଛଟନି ବନ୍ଦ କରି ଚାଷୀମାନଙ୍କ ଠାରୁ ଧାନ ଓ କପା କିଣିବାର ସୁ-ବ୍ୟବସ୍ଥା କରିବା, ବିନା ଲାଇସେନସ୍ ?ରେ ନିମ୍ନ ମାନର କୀଟନାଶକ ଔଷଧ, ସାର ବିକ୍ରି କରୁଥିବା ଦୋକାନିକୁ ଉଚିତ ଦଣ୍ଡ ଦେଇ ପ୍ରକୃତ କୀଟନାଶକ ଔଷଧ ଚାଷୀମାନଙ୍କୁ ଯୋଗାଇବା , ଭାଗଚାଷୀ ମାନଙ୍କୁ ଚାଷୀର ମାନ୍ୟତା ସହ ବର୍ଷାରେ କ୍ଷତିଗ୍ରସ୍ତ ଭାଗ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇବା ଓ ଲଘୁଚାପ ଫଳରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମୁଗ, ବିରି, ସୂର୍ଯ୍ୟମୂଖୀ, ଚଣା ଇତ୍ୟାଦି ବିହନ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇଦେବା, କୃଷିଜାତ ଦ୍ରବ୍ୟ ଉପରେ ଜି.ଏସ୍.ଟି. ପ୍ରତ୍ୟାହାର କରିବା, ଲଘୁଚାପ ଫଳରେ ଧାନ ଓ କପାର ମାନ କୋହଳ କରିବା, ଲଘୁଚାପ ବର୍ଷା ଫଳରେ କ୍ଷତିଗ୍ରନ୍ତୁ ଚାଷୀମାନଙ୍କୁ ଏକର ପିଛା ଟ.୫୦,୦୦୦/- ପ୍ରଦାନ କରିବା, ଓଡ଼ିଶାରେ ହେଉଥିବା ଲଘୁଚାପକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବା ଇତ୍ୟାଦି । ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ଗୁଡିକ ରାଜ୍ୟ ସଭାପତି ଅନାସିମ ଶବର ଓଡିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଚାଷୀ ମାନଙ୍କ ସମସ୍ୟା ସମାଧାନ ନ ହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଆଜିର ଏହି ପ୍ରତିବାଦ ସଭାରେ ମଦନ ଶବର (ସରପଞ୍ଚ ବାଗଶଳା ପଞ୍ଚାୟତ) ବୃନ୍ଦାବନ ବିଡିକା, ରମେଶ ବିଡିକା , କେଶବ ଶବର, କୃଷ୍ଣ ଶବର, ଚିତ୍ରସେନ ଶବର, ମୋଜେସ ଶବର, କରୁଣାକର ଲିମା, ତାଉଡୁ ଶବର, ରାଜେନ୍ଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲ୍ଲାର ସମସ୍ତ କୃଷକ ମାନଙ୍କ ନିମନ୍ତେ ସୂଚନା

## ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆହୁରି ୭୨ଘଣ୍ଟା ବୃଦ୍ଧି

ଛତ୍ରପୁର **୩୧/୧୨(ନି.ପ୍ର):** ଅଦିନିଆ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ଚାଷୀ ମାନଙ୍କର ଫସଲ କ୍ଷୟ କ୍ଷତି ହୋଇଛି। ଯେଉଁ ଚାଷୀଗଣ ବୀମାଭୁକ୍ତ ଓ ପ୍ରିମିୟମ ରାଶି ପ୍ରଦାନ କରୁଛନ୍ତି, ଚାଷର କ୍ଷୟ କ୍ଷତି ବାବଦ ସହାୟତା ରାଶି ପାଇବା ନିମନ୍ତେ ପଞ୍ଜିକରଣ କରାଇ ନାହାଁନ୍ତି ସେମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ ସେମାନେ ଟୋଲ ଫ୍ରି ଫୋନ ହେଲ୍ପଲାଇନ ନମ୍ବର ୧୪୪୪୭ ମାଧ୍ୟମରେ କିମ୍ବା WhatsApp Chart boat number ୭୦୬୫୫୧୪୪୪୭ କିମ୍ବା କୃଷି ରକ୍ଷକ ପୋର୍ଟାଲରେ ପଞ୍ଜିକରଣ କରାଇ ନିଅନ୍ତୁ। ଆସନ୍ତା ୨୦୨୫, ଜାନୁଆରୀ ୧ ତାରିଖ ପଞ୍ଜିକରଣ କରାଇବା ନିମନ୍ତେ ଶେଷ ତାରିଖ ଘୋଷଣା ହୋଇଛି । ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆହୁରି ୭୨ ଘଣ୍ଟା ବୃଦ୍ଧି କରିଛନ୍ତି। ଆସନ୍ତା ନବ ବର୍ଷ ପହିଲା ତାରିଖ ଦିନ ପଞ୍ଜିକରଣ କରାଇବା ନିମନ୍ତେ ଶେଷ ତାରିଖ ରହିଛି । ଶେଷ ସମୟ ଥିବାରୁ ଅନେକ ଚାଷୀ ହିହେଲ୍ପଲାଇନ ନମ୍ବରରେ ପଞ୍ଜୀକରଣ ବେଳେ ଅଧିକ ଚାପ ପଡୁଥିବା ଏବଂ ଦୁର୍ଗମ ଅଞ୍ଚଳରେ ନେଟ ୱାର୍କ ସମସ୍ୟା ଦେଖା ଦେଇଥିବା ହେତୁ ଏହି ସମୟସୀମା ବୃଦ୍ଧି ହୋଇଛି। ଏଣୁ ଚାଷୀ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଞ୍ଜିକରଣ କରାଇବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନୁରୋଧ କରିଛନ୍ତି।

# ନର୍ଲା ହାଇସ୍କୁଲ୍ ର ୧୯୯୫ ବ୍ୟାଚ୍ ର ବନ୍ଧୁ ମିଳନ

ନର୍ଲା **୩୧/୧୨(ନି.ପ୍ର):** କଳାହାଣ୍ଡି ଜିଲ୍ଲା ନର୍ଲା ହାଇସ୍କୁଲ ର ବନ୍ଧୁ ମିଳନ ସମର କଟା ବାଞ୍ଜି ନାଲ ଠାରେ ବିଶିଷ୍ଟ ସାମ୍ବାଦିକ ଦୀପକ କୁମାର ଠାକୁର ଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣ ଅନୁକୋଣରୁ ସମସ୍ତ ବନ୍ଧୁ ମାନେ ଯୋଗ ଦେଇ ଥିଲେ। ବହୁଦିନ ବ୍ୟବଧାନ ପରେ ବର୍ଷକୁ ଥରେ ବନ୍ଧୁ ମିଳନ ହୋଇ ଥିବାରୁ ପରିବେଶ ରେ ଆନନ୍ଦ ମୟ ହୋଇଯାଇଥିଲା। ଏହି ବନ୍ଧୁ ମିଳନ ରେ ସମ୍ବଲପୁର ର (ଏ.ଏସ୍. ସି. ଓ) ଅଜୟ କୁମାର ଚାନ୍ଦ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ବରିଷ୍ଠ ଶିକ୍ଷକ ଲଳିତ ମାଝୀ, ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମାଝୀ,ସାମ୍ବାଦିକ ନିରଞ୍ଜନ ଗଉଡ଼, ବରିଷ୍ଠ କିରାଣୀ ଖିତିଶ୍ ପୋଢ଼, ବେଦାନ୍ତ ରେ କାର୍ଯ୍ୟ କରୁଥିବା କର୍ମ ଚାରି ଦୈତାରି ବାଗ, ଲାଞ୍ଜିଗଡ଼ ର ଚାଷୀ ମନୋଜ୍ ବେହେରା ,ପ୍ରିୟବ୍ରତ ଚାନ୍ଦ, ସୁଦାମ ଝାଙ୍କର (ସମିତି ସଭ୍ୟ), ପ୍ରଦୀପ ଚନ୍ଦନ, ଚାଷୀ ଲୋହିତ ଭୋଇ, ଓ କୀର୍ତ୍ତି ଭୋଇ ସହ ୨୫ ରୁ ଉର୍ଦ୍ଧ ବନ୍ଧୁ ଯୋଗ ଦେଇ ନିଜ ନିଜର ଭାବନା ଆଦାନ ପ୍ରଦାନ କରି ଅତି ସୁରୁଖୁରୁରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସମାପନ ହୋଇଥିଲା।



# ବାଘ ଛାଲ ଜବତ, ଦୁଇ ଗିରଫ, ଦୁଇ ମୋବାଇଲ ସହ ବାଇକ ଜବତ ,ଶିମିଳିପାଳ ରେ ମାରିଥିଲେ କଲରାପତରିଆ

ପାଟଣା **୩୧/୧୨(ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳ ରୁ ପାଟଣା ପୁଲିସ ଓ ବନ ବିଭାଗ ମିଳିତ ଚଢାଉ ସମୟରେ ଓସ୍ତଯୋଡି ଗ୍ରାମରୁ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରାଯାଇଛି। ବାଘ ଛାଲ ବିକ୍ରୀ କରିବାକୁ ଉଦ୍ୟମ କରୁଥିବା ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ବସନ୍ତପୁର ଗ୍ରାମର ଦିବାକର ବାନ୍ଦିଆ ଙ୍କ ପୁଅ ରାମ ବାନ୍ଦିଆ (୩୩) ଓ ବାଘ ଛାଲ କିଣିବାକୁ ଡିଲ ଚଳାଇଥିବା ଠାକୁରମୁଣ୍ଡା ଥାନା ଖଡିପାଳ ଗ୍ରାମର ରାଜେନ୍ଦ୍ର କୁଲାପଡିଆ ଙ୍କ ପୁଅ ସାଗର କୁଲାପଡିଆ (୩୭) କୁ ଡିଲ ସ୍ଥାନରେ ପାଟଣା ପୁଲିସ ଓ ପାଟଣା ବନ ବିଭାଗ ମାଡି ବସିଥିଲେ । ଉଭୟ ଙ୍କ ଠାରୁ ଏକ କଲରାପତରିଆ ବାଘ ଛାଲ ସହ ବ୍ୟବହାର କରୁଥିବା ଏକ ବାଇକ ଓ ଦୁଇଟି ମୋବାଇଲ ଜବତ କରାଯାଇଥିବା ପାଟଣା ଥାନା ରେ ଅନୁଷ୍ଠିତ ପ୍ରେସମିଟ ରେ ଘଟଗାଁ ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଖବର ରୁ ପ୍ରକାଶ ଯେ ଆଜି ପୂର୍ବାହ୍ନ ରେ କେନ୍ଦୁଝର ଏସପି ଓ ଡିଏଫ୍ଓ ଙ୍କ ଠାରୁ ସୂଚନା ପାଇ ପାଟଣା ଥାନା ସବ୍ ଇନ୍ସପେକ୍ଟର ଉଦୟବିର କୁଲୁ ଓ ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରି ସର୍ଦ୍ଦାର ଙ୍କ ନେତୃତ୍ୱରେ ପୁଲିସ ଓ ବନ ବିଭାଗ କର୍ମଚାରୀ ମାନେ ମାଛଗଡ ବିଟ୍ ଅଧିନ ଓସ୍ତଯୋଡି ଗ୍ରାମରେ ଚଢ଼ାଉ କରି କଲରାପତରିଆ ବାଘ ଛାଲ ଜବତ କରିବା ସହ ଦୁଇ ଜଣ ଙ୍କୁ ଗିରଫ କରିଥିଲେ। ଏନେଇ ବନବିଭାଗ ପକ୍ଷରୁ ଓଆର କେଶ ନମ୍ବର ୮୪ପି/୨୦୨୪/୨୫ ଅଣ୍ଡର



ସେକ୍ସନ ୯.୩୯(୩) ୪୪ ୱାଇଲ୍ଡ ଲାଇଫ ପ୍ରୋଟେକ୍ସନ୍ ଆକ୍ଟ ୧୯୭୨ ରେ ଏକ ମାମଲା ରୁଜୁ କରାଯିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପାଟଣା ଥାନା ରେ ଅନୁଷ୍ଠିତ ପ୍ରେସମିଟ ରେ ଏସଡିପିଓ ପ୍ରଭାତ ତ୍ରିପାଠୀ , ଜିଲ୍ଲା ସହକାରୀ ବନ ସଂଗ୍ରକ୍ଷକ ଜିତେନ୍ଦ୍ର ବେହେରା ଓ ଅଶୋକ କୁମାର୍ ଦାସ୍, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ବନାଞ୍ଚଳ ଅଧିକାରୀ ବନ ବିହାରି ସର୍ଦ୍ଦାର , ବନପାଳ ପିଅନ ନାଏକ ଓ ଭୂପତି କୁମାର ସେଠୀ ପ୍ରମୁଖ ଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ। ତେବେ ଏହି କଲରାପତରିଆ ଟି କୁ ୬ ମାସ ତଳେ ଶିମିଳିପାଳ ଜଙ୍ଗଲ ର ମଣ୍ଡଳଝର ନିକଟରେ ମରା ଯାଇଥିବା ବେଳେ ବାଘ ମାରିଥିବା ବ୍ୟକ୍ତି ଙ୍କୁ ଠାବ କରାଯିବା ପାଇଁ ପୁଲିସ ଓ ବନ ବିଭାଗ ଉଦ୍ୟମ ଜାରି ରଖିଛି। ବାଘ ଛାଲ ଟି କୁ ୨ ଲକ୍ଷ ଟଙ୍କା ରେ ବିକ୍ରି କରାଯିବାକୁ ଉଦ୍ୟମ ଚାଲିଥିଲା।

# କେମ୍ପର ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

**କଲ୍ୟାଣସିଂହପୁର,୩୧/୧୨(ନି.ପ୍ର):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତର ଗୁରୁତୁଲୀ ନିକଟ ମିଲ ପାଖରେ କେମ୍ପର ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।ସୂଚନା ଅନୁଯାୟୀ ଉକ୍ତ ପଞ୍ଚାୟତର କଣ୍ଡାକରା ଗ୍ରାମର ବିକୁ କାଡ୍ରାକାଙ୍କ ପୁଅ ରାମଚନ୍ଦ୍ର କାଡ୍ରାକା ବୟସ (୩୦) କୌଣସି କାର୍ଯ୍ୟରେ ଗତକାଲି ଅପରାହ୍ନରେ ଶିକରପାଇ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା କେମ୍ପର ନମ୍ବର ଓଡ଼ି ୧୮ ଇ ୪୫୩୮ ଗାଡି ଧକ୍କା ଦେଇ ଚାଲିଯାଇଥିଲା ।ଯାହାଫଳରେ ବାଇକ ଆରୋହୀ ରାମଚନ୍ଦ୍ର ଘଟଣା ସ୍ଥଳରେ ଛୋଟ ପଟ ହୋଇ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ସ୍ଥାନୀୟ ଲୋକମାନେ ରାସ୍ତାରେ କାଠ ଓ ପଥର ପକାଇ କ୍ଷତି ପୂରଣ ଓ ଗାଡି କୁ ଠାବ କରିବା ପାଇଁ ଅଡି ବସିଥିଲେ । ଉକ୍ତ ଖବର ପାଇ ସ୍ଥାନୀୟ ପୁଲିସ କଲ୍ୟାଣ ସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା ଓ ଏସ ଆଇ ଶ୍ରି ସାହୁ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ । ଲୋକମାନେ ଗାଡି ଧରିବା ପାଇଁ କହିବାରୁ ଦୁର୍ଘଟଣା ଗ୍ରସ୍ତ କେମ୍ପର ଟି ଜେରକା କ୍ୟାମ୍ପ ରେ ରହିଥିବାରୁ ଗାଡି ଚାଳକ ଚିତ୍ର ମାଝିକୁ ଆଣି ପଚାର ଉଚରା କରିଥିଲେ । ଗାଡି ଚାଳକ ର ଘର ଭିତର ପଦାମାଝୀ ବୋଲି ଜଣାପଡିଛି । ସେ ଦୁର୍ଘଟଣା କରିନଥିବା କହିଥିବା ପୁଲିସ କହିଛି । ଶିକରପାଇ ଠାରୁ ମାଣ୍ଡିବିଶି ପର୍ଯ୍ୟନ୍ତ ରାସ୍ତା କାମରେ ନିୟୋଜିତ ରହିଥିଲା । ରାସ୍ତା ମାଲିକ ଆସିବା ପର୍ଯ୍ୟନ୍ତ ରାସ୍ତାରୁ ଲୋକମାନେ ହଟିନଥିଲେ । କ୍ଷତି ପୂରାଣ ଦେଲେ ରାସ୍ତାରୁ ହଟିବୁ ବୋଲି ଗ୍ରାମବାସୀ ଅଡିବସିଥିଲେ । ବିଳମ୍ବିତ ସମୟ ପରେ ମାଲିକ ଆସିବା ପରେ ୧ ଲକ୍ଷ ୫୦ହଜାର ଟଙ୍କା କୁ ସମାଧାନ କରିବା ପରେ ପ୍ରଶାସନ ପକ୍ଷରୁ୧୦ହଜାର ଟଙ୍କା କ୍ଷତି ପୁରଣ ଦିଆଯାଇଥିଲା । ଏହାପରେ ପୁଲିସ ଶବ ଜବତ କରି ରାତ୍ର ହୋଇଥିବାରୁ ଶବ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରଖିଥିଲେ । ଆଜି ଶବ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ନୀଳକଣ୍ଠ ବେହେରା ସୂଚନା ଦେଇଛନ୍ତି ।

# ବହିମଣିଷ ବିକାଶଙ୍କୁ ବହିବନ୍ଧୁ ସମ୍ମାନ

**ବାସୁଦେବପୁର, ୩୧/୧୨(ନି.ପ୍ର):** ଓଡ଼ିଶାର ଜଣେ ଅନ୍ୟତମ ସଂଗ୍ରାହକ ତଥା ବହି ମଣିଷ ଭାବେ ପରିଚିତ ବିକାଶ ଶତପଥୀଙ୍କୁ ବହିବନ୍ଧୁ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଟାଇମ୍ପାସ ପ୍ରକାଶନୀ ପକ୍ଷରୁ ଗୁରୁ କେଲୁଚରଣ ସଭାଗୃହରେ ଦୁଇଦିନ ଧରି ଚାଲିଥିବା ଉତସାହିତ୍ୟର ପ୍ରଥମ ଦିବସରେ ଏହି ପୁରସ୍କାର ଶ୍ରୀ ଶତପଥୀଙ୍କୁ ପ୍ରଦାନ କରାଯାଇଛି। ନିଜର ବ୍ୟକ୍ତିଗତ ସୁଖସୁବିଧାକୁ ପଛକୁ ପକାଇ ତଥା ଜଣେ ଉଚ୍ଚଶିକ୍ଷିତ ହୋଇ ୧୯୯୦ ମସିହାରୁ ପାଠାଗାର ଆନ୍ଦୋଳନରେ ନିଜକୁ ସାମିଲ କରିଥିବା ଶ୍ରୀ ଶତପଥୀଙ୍କ ସମର୍ପଣକୁ ବରେଣ୍ୟ ଅତିଥିମାନେ ଆଜିର ଯୁବପିଢ଼ିମାନଙ୍କ ପାଇଁ ପ୍ରେରଣାଦାୟୀ ଉଦାହରଣ ଭାବେ ଅବତାରଣା କରିଥିଲେ। ହାତରୁ ମୋବାଇଲ ଛାଡ଼ି ବହି ଖଣ୍ଡିଏ ପଢ଼ିବା ପାଇଁ ଶ୍ରୀ ଶତପଥୀଙ୍କ ପ୍ରଚେଷ୍ଟାକୁ ମନେ ପକାଇ ଟାଇମପାସର ମୁଖ୍ୟ ସରୋଜ ବଳ ଟାଇମ୍ପାସ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରିଥିଲେ ।ଏଥିରେ ଉଦଘାଟକ ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବରିଷ୍ଠ ପ୍ରଶାସକ ତଥା କଥାକାର ତରୁଣକାନ୍ତି ମିଶ୍ର ଓ ସ୍ତମ୍ଭକାର ଅଧାପକ ବିଶ୍ୱରଂଜନ ଉପସ୍ଥିତ ରହି ପୁସ୍ତକ ଆମର ପରମବନ୍ଧୁ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାହିତ୍ୟିକ ବିଜୟ ମଲ୍ଲ ପରିଚାଳନା କରିଥିଲେ। ବାଇଚଢ଼େଇ ର ସମ୍ପାଦକ ବିକାଶ ଶତପଥୀଙ୍କୁ ଏହି ପୁରସ୍କାର ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



# ଆସିକାରେ ବିଜୁ ଜନତାଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳିତ

**ଆସିକା, ୩୧/୧୨(ନି.ପ୍ର):** ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ଆସିକା ରେ ବଡ଼ ଧୂମାଧାମ ର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ଆସିକା ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ ଙ୍କ ସହିତ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନସିଲରଙ୍କ ସହ ଶତାଧିକ ମହିଳା ଓ ପୁରୁଷ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଫଳ ଓ ମିଷ୍ଟାର୍ନ ବଣ୍ଟନ କରିଥିଲେ। ଅନୁରୂପ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ନେତୃତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ ତତସହ ଆସିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳ ବଣ୍ଟନ ପରେ ଦେବଭୂମି କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆସିକାର ପୂର୍ବତନ ସାଂସଦ ପ୍ରମିଳା ବିଶୋଇ ଉପସ୍ଥିତ ଥିଲା ବେଳେ ଅନ୍ୟ ଅତିଥିଭାବେ ବରିଷ୍ଠ ବିଜେଡି ନେତା ହର ସାହୁ, ଆସିକା ବ୍ଲକ ପୂର୍ବତନ ଅଧକ୍ଷ ହରେକୃଷ୍ଣ ମଲ୍ଲିକ,ଯୁବନେତା ନଚିକେତା ସ୍ୱାଇଁ,ଅଶ୍ୱିନୀ ସ୍ୱାଇଁ ରଶ୍ମିତା ସେନାପତି, ଦକ୍ଷିଣ ଓଡିଶା ସରପଞ୍ଚ ସଙ୍ଘ ସଭାପତି ଭାବନୀ ଶଙ୍କର ମଲ୍ଲିକ,ନନ୍ଦ କୁମାର ବିଶୋୟୀ, ଆସିକା ବ୍ଲକ ଅଧକ୍ଷା ପ୍ରତିନିଧି ଶିବ ନାହାକ, ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷା ଜୟନ୍ତୀ ବିଶୋୟୀଙ୍କ ସମେତ ଏହି କାର୍ଯ୍ୟକ୍ରମରେ ଆସିକା ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ ସଭ୍ୟା ,ସମସ୍ତ ସରପଞ୍ଚ , ସମିତିସଭ୍ୟ/ସଭ୍ୟା ଗଣ , ଏନ .ଏ .ସି କାଉନସିଲର ,ବିଜୁ ଜନତା ଦଳ ର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ବିଜୁ ଜନତା ଦଳ ,ଯୁବ , ଛାତ୍ର, ମହିଳା, କୃଷକ ଜନତା ଦଳର ସମସ୍ତ ରାଜ୍ୟ ସ୍ତରୀୟ, ଜିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ, ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାଙ୍କ ସମେତ ବିଜୁ ଜନତା ଦଳର ସମସ୍ତ ଅଗ୍ରଣୀ କର୍ମୀବୃନ୍ଦ, ବିଜୁ ପ୍ରେମୀ, ବୁଦ୍ଧିଜୀବି ମାନେ ନିଶ୍ଚିତ ରୁପେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରି୍ବା ସହ ଆଗାମୀ ଦିନରେ କିପରି ବିଜେଡି କୁ ସୁଦୃଢ କରାଯିବା ସେ୍ୱିଷୟ ଉପରେ ଆଲୋଚନା କରାଯାଇଥିଲା ।



# ବାଲିମେଳା ସହରରେ ବିଏସଏନଏଲର ଫୋର ଜିବି ସେବା ଆରମ୍ଭ

**ମାଲକାନଗିରି,୩୧/୧୨(ନି.ପ୍ର):** ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ବହୁଦିନର ପ୍ରତୀକ୍ଷା ପରେ ବିଏସଏନଏଲର ଫୋର ଜି ସେବା ଆରମ୍ଭ ହୋଇଛି। ଦୀର୍ଘ ଦିନ ଧରି ଘରୋଇ କମ୍ପାନୀରେ ଅଧିକ ଶୁଳ୍କ ଦେଇ ବାଧ ହୋଇ ବ୍ୟବହାର କରୁଥିବା ଲୋକଙ୍କୁ ଆସ୍ୱସ୍ତି କାରଣ ବର୍ତ୍ତମାନ ବି ଏସଏନଏଲର ଫୋର ଜି ସେବା ଆରମ୍ଭ ହୋଇଯାଇଛି ।ଏହା ଦ୍ୱାରା ବାଲିମେଳା ସହରବାସୀ ଉପକୃତ ହେବେ ।କୋରାପୁଟ ବିଏସଏନଏଲ ଏ ଜି ଏମ ତଥା (ସି ଏମ ଟି ଏସ) ମହେନ୍ଦ୍ର ମାଝୀ ଙ୍କ କହିବା ଅନୁଯାୟୀ ଏହାର ଶୁଳ୍କ ଘରୋଇ କମ୍ପାନୀ ଠାରୁ ବହୁତ କମ ଶୁଳ୍କ ଉପଭୋକ୍ତା ମାନେ ତାଙ୍କର ପୂର୍ବ ସୀମକୁ ଫୋର ଜି ପରିବର୍ତ୍ତନ କରିବାକୁ ପଡିବ ।ଆଗାମୀ ଦିନରେ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ଏହି ସେବା ଅଳ୍ପ ଦିନ ମଧ୍ୟରେ ଯୋଗାଇ ଦିଆଯିବ ।ବିଏସଏନଏଲ ଫୋର ଜି ସେବା ଆରମ୍ଭ ହେବା ଦ୍ୱାରା ବାଲିମେଳା ସହରରେ ଖୁସିର ଲହରୀ ଖେଳିଯାଇଛି।

# ଜାନୁଆରୀ ୦୧ ରେ ହିନ୍ଦୁରାଷ୍ଟ୍ର ମହାଧିବେଶନରେ ଯୋଗ ଦେବେ ଜଗତଗୁରୁ ଶଙ୍କରାଚାର୍ଯ୍ୟ

**ତାଳଚେର, ୩୧/୧୨(ନି.ପ୍ର):** ଆସନ୍ତା ଜାନୁଆରୀ ୧ ରେ ତାଳଚେର ଦେଉଳବେଡା ଦୁର୍ଗା ମଣ୍ଡପ ଠାରେ ପ୍ରଥମ ବିଶାଳ ହିନ୍ଦୁରାଷ୍ଟ ମହା ଅଧିବେଶନ ଅନୁଷ୍ଠିତ ହେବ । ଜଗତଗୁରୁ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାଭାଗ ଉକ୍ତ ଅଧିବେଶନ ରେ ଯୋଗଦେଇ ଦିବ୍ୟ ସନ୍ଦେଶ ପ୍ରଦାନ କରିବେ ।ସମଗ୍ର ରାଜ୍ୟରୁ ଶହ ଶହ ସଂଖ୍ୟାରେ ସାଧୁ ସନ୍ଥ, ମଠ ମନ୍ଦିର ର ମହନ୍ତ, ବିଭିନ୍ନ ମତ ପନ୍ଥର ସନ୍ୟାସୀ ମାନେ ଯୋଗଦେବେ ।ହଜାର ହଜାର ସଂଖ୍ୟାରେ ତାଳଚେର, ଅବିବ୍ୟକ୍ତ ଢେଙ୍କାନାଳ ଜିଲ୍ଲା, ସମ୍ବଲପୁର ଜିଲ୍ଲା, ଦେବଗଡ଼ ଜିଲ୍ଲା, କେନ୍ଦୁଝର ଜିଲ୍ଲା ସମେତ ସମଗ୍ର ରାଜ୍ୟରୁ ସନାତନୀ ହିନ୍ଦୁ ମାନେ ଯୋଗଦେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି ଆଦିତ୍ୟ ବାହିନୀ ର ରାଜ୍ୟ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ।ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି ତାଳଚେର ପକ୍ଷରୁ ଦେଉଳବେଡା ଡିସିଆଇ କ୍ଲବ ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଜଗତଗୁରୁ ଙ୍କର ତାଳଚେର ଆଗମନ ପାଇଁ ପାଇଁ ଚୁଡାନ୍ତ ପ୍ରସ୍ତୁତି ସରିଛି, ଆଜି ଗୋବର୍ଦ୍ଧନ ପୀଠ ପକ୍ଷରୁ ଜାରି କରାଯାଇଥିବା ବିସ୍ତୃତ ବିବରଣୀ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ସମସ୍ତ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ ।ରାଇପୁର ରୁ ଦୁର୍ଗ ପୁରୀ ଟ୍ରେନ ଯୋଗେ କଡା ସୁରକ୍ଷା ବଳୟରେ ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ତାଳଚେର ଷ୍ଟେସନ ଠାରେ ସକାଳ ୪:ଟାରେ ପଦାର୍ପଣ କରିବେ,ସେଠାରେ ତାଙ୍କୁ ବିପୁଳ ସ୍ୱାଗତ କରାଯିବା ସହ ହାଣ୍ଡିଧୂଆ ନିବାସୀ ଡଃ ସଂଜୀବ ରାଉତ ଙ୍କ ନିବାସ ରେ ଅବସ୍ଥାନ କରିବେ ।ଅପରାହ୍ନ ୨ଟା ୩୦ରେ ଘଣ୍ଟାପଡା ପଂଚାୟତ ର ବାଘମରା ଠାରେ ଶ୍ରୀଶଙ୍କରାଚାର୍ଯ୍ୟ ଗୋଶାଳା ର ଲୋକାର୍ପଣ କରିବା ସହ ଅପରାହ୍ନ ୩ ଟାରେ ତାଳଚେର ଦେଉଳବେଡା ଦୁର୍ଗା ମଣ୍ଡପ ପଡିଆ ରେ ବିଶାଳ ହିନ୍ଦୁରାଷ୍ଟ୍ର ମହାଧିବେଶନ ରେ ଯୋଗ ଦେଇ ଦିବ୍ୟ ସନ୍ଦେଶ ପ୍ରଦାନ କରିବା ହେବେ. ପର ଦିନ ତା ୦୨/୦୧/୨୦୨୫ ସକାଳ ପ୍ରାୟ ୮:୩୦ ଟା ରେ ତାଳଚେର ରୁ ଅନୁଗୁଳ ଷ୍ଟେସନ ରେ ପହଂଚି ପୁରୀ ଗୋବର୍ଦ୍ଧନ ପୀଠ ଅଭିମୁଖେ ଯାତ୍ରା କରିବେ. । ସଂଯୋଜକ ପର୍ଶୁରାମ ବାରିକ ଙ୍କର ସଂଯୋଜନା ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ଅନୁଗୁଳ ରାଜ୍ୟ ପିଠପରିଷଦ ର ଉପାଧକ୍ଷ ପଣ୍ଡିତ ରୋହିତ୍ କୁମାର ଦାଶ,ଅନଗୁଳ ଜିଲା କ୍ଷେତ୍ରୀୟ ସମ୍ପାଦକ ବିଜୟ ତ୍ରିପାଠୀ ସମେତ ସଂଗଠନ ସଚିବ ତଥା ସ୍ୱାଗତ ସମିତି ର କାର୍ଯ୍ୟକରି ଅଧକ୍ଷ ବରୁଣ ସାହୁ, ସଂମ୍ପର୍କ ସଚିବ ତଥା କାର୍ଯ୍ୟ କ୍ରମ ର ସହ ପ୍ରଭାରୀ ସୌରୀ ରଞ୍ଜନ ପଣ୍ଡା, ସ୍ୱାଗତ ସମିତି ର ସମ୍ପାଦକ ବୃନ୍ଦାବନ ବେହେରା, ଆଦିତ୍ୟ ଜିଲା ସଭାପତି ଲଳିତ ମୋହିନ ଦାଶ ଆନନ୍ଦ ବାହିନୀ ର ସ୍ମିତା ପଟ୍ଟନାୟକ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ରେ ଉପସ୍ଥିତ ଥିଲେ ।ଶେଷରେ ସମସ୍ତ ତାଳଚେର ବାସୀ ତଥା ହିନ୍ଦୁ ସମାଜ ଜାନୁଆରୀ ୧ ହିନ୍ଦୁରାଷ୍ଟ ମହାଧିବେଶନ ରେ ଦେଉଳବେଡା ଦୁର୍ଗା ମଣ୍ଡପ ପଡିଆ ରେ ଉପସ୍ଥିତ ରହି ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ଙ୍କର କୃପାଲାଭ କରିବା ପାଇଁ ନିବେଦନ କରିଥିଲେ ।ପରେ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ୧୩ଟି ବିଭାଗର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

# ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନି ଉଦଘାଟିତ

**ବାରିପଦା,୩୧/୧୨(ନି.ପ୍ର):** ବାରିପଦା ଦେଉଳ ସାହି ସ୍ଥିତ କ୍ରିୟେଟିଭ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ ଆନୁକୁଲ୍ୟରେ ଆୟୋଜିତ ୧୦ମ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନିକୁ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଛନ୍ତି । ଏହି ଶୁଭ ଅବସରରେ ଅନୁଷ୍ଠାନର ଅଧକ୍ଷ୍ୟ ରବୀନ କୁମାର ମହାପାତ୍ର, ସମ୍ପାଦକ ଭିଭୁ ଦତ୍ତ ଦାସ, ଉପସଭାପତି ସୌର ବିହାରୀ ଦାସ, ମୁଖ୍ୟ ଉପଦେଷ୍ଟା ଚାରୁ ଚନ୍ଦ୍ର ଦାସ, କର୍ମକତା ରାକେଶ କୁମାର ବେହେରା,ସମୟ କୁମାର ଦାସ, ସଶିବ ଦାସ, ଶପଥ ଦାସ, ସୁବିନୟ ଦାସ, ରୁନୁ ରାଣୀ ବେହେରା, ସମୀର ମହାନ୍ତ, ସ୍ୱୟମ, କଳ୍ପନା ଓ ଆଶା ଉପସ୍ଥିତ ଥିଲେ । ଏହି ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନରେ ରାଜ୍ୟ ର ବିଭିନ୍ନ ପ୍ରାନ୍ତ ରୁ ଆସିଥିବା ବଛାବଛା କଳାକାର ମାନଙ୍କ ର ୭୦ ଟି ଚିତ୍ରକଳା ସ୍ଥାନ ପାଇଥିବା ବେଳେ ସ୍କୁଲର ମ୍ୟାନଜମେଣ୍ଟ ସଦସ୍ୟ ତଥା ଷ୍ଟାଫ ମାନଙ୍କର ୨୫ ଟି ଚିତ୍ରକାଳ ସ୍ଥାନ ପାଇଥିବା ସହିତ ଛୋଟ ଛୋଟ ପିଲା ମାନଙ୍କର ୧୬୦ ଟି ସର୍ବମୋଟ ୨୫୫ ଟି ଚିତ୍ର ସ୍ଥାନ ପାଇଛି । ଏହି ଚିତ୍ର କଳା ପ୍ରଦର୍ଶନ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ, ଆସନ୍ତା ଡିସେମ୍ବର ୩୦ ତାରିଖ ସୋମବାର ଦିନ ଉଦଯାପନୀ ସନ୍ଧ୍ୟା ୫ ଘଟିକା ସମୟରେ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।



# ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ୧୦୦ରୁ ଉର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧ, ପିଲାଙ୍କୁ ବଣ୍ଟନ କରାଗଲା ଶୀତ ବସ୍ତ୍ର

**ମାଲକାନଗିରି, ୩୧/୧୨(ନି.ପ୍ର):** ମାଲକାନଗିରି ଜିଲ୍ଲା ଓ ବାଲିମେଳା ସହରରେ ଥିବା ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ସମ୍ପାଦକ ମହେନ୍ଦ୍ର ନାଥ ରାୟ, କୋଷାଧକ୍ଷ ରତିକାନ୍ତ ମହନ୍ତ, ସକ୍ରିୟ ସଭ୍ୟ ବିଜୟ କୁମାର ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ ସେବା ପ୍ରମୁଖ ରବୀନ୍ଦ୍ର ନାଥ ରାୟ, ସଂଘର ବ୍ୟବସ୍ଥା ପ୍ରମୁଖ ଜିତେନ୍ଦ୍ର କୁମାର ପାଇକରାୟ, କମ୍ମୁଲୁ ପୂଜାରୀ ପ୍ରମୁଖ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ୱେରୁ ପଞ୍ଚଯାତ ଅଧିନସ୍ତ କନ୍ଧ ଗୁଡା ଗ୍ରାମରେ ବସବାସ କରୁଥିବା ବୃଦ୍ଧା ବୃଦ୍ଧଙ୍କ ସମେତ ପିଲାମାନଙ୍କୁ ମିଶାଇ ମୋଟ ୩୬ଜଣଙ୍କୁ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ କମ୍ବଳ ଓ ସ୍ୱେଟର ବଣ୍ଟନ କରାଯାଇଛି। ସେହିପରି ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ବାଲିମେଳାର ଏହି କର୍ମକର୍ତ୍ତା ଓ ସଦସ୍ୟ ମାନେ ବିଛିନ୍ନାଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ ପଣସପୁଟ ପଞ୍ଚାୟତ ଅଧିନସ୍ତ ସିଦ୍ଧିପୁଟ ଓ ମୁକୁଡି ପାଲ୍ଲୀ ଗ୍ରାମରେ ପହଁଞ୍ଚି ଉପରୋକ୍ତ ଦୁଇଟି ଗ୍ରାମରେ ବସବାସ କରୁଥିବା ଗରିବ ଶ୍ରେଣୀର ବୃଦ୍ଧ ବୃଦ୍ଧାଙ୍କ ସହ ପ୍ରାୟ ୮୦ ରୁ ଉର୍ଦ୍ଧ ପିଲାମାନଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ କମ୍ବଳ ଓ ସ୍ୱେଟର ତଥା ଶୀତ ବସ୍ତ୍ର ବଣ୍ଟନ କରିଛନ୍ତି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱାବଲମ୍ବି ଓ ସମା ସମରୋସତା ପାଇଁ ଏହି ସ୍ୱେଚ୍ଛାସେବୀ ସମିତି ସର୍ବଦା କାମ କରିଆସୁଛି। ଏଥିସହ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଭଳି କାର୍ଯ୍ୟକ୍ରମ ଅଧିକାଂଶ ଅଞ୍ଚଳରେ କରାଯାଉଥିବା ସଙ୍ଘ ପ୍ରାନ୍ତ ପ୍ରମୁଖ ରବୀନ୍ଦ୍ର ନାଥ ରାୟ ସୂଚନା ଦେଇଛନ୍ତି।

# ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଜନ- ଏ ମ୍ୟାଚରେ ଏମସିଏଏମ କଲେଜ ବିଜୟୀ



**ବାରିପଦା,୩୧/୧୨(ନି.ପ୍ର):** ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ଠାରେ ଚାଲିଥିବା ଜନ-ଏ ମହାବିଦ୍ୟାଳୟ ସ୍ତରୀୟ ଫାଇନାଲ ମ୍ୟାଚରେ ସୀମାନ୍ତ ମହାବିଦ୍ୟାଳୟ ପ୍ରଥମେ ଟସ ଜିଣି ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇଥିଲେ । ସୀମାନ୍ତ ମହାବିଦ୍ୟାଳୟ ୨୧.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୮୨ ରନ କରିପାରିଥିଲେ । ଲଞ୍ଚ ପରେ ଦିତିୟାର୍ଦ୍ଧ ରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ମାତ୍ର ଗୋଟିଏ ୱିକେଟ ହରାଇ ୭ ଓଭରରେ ୮୪ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ । ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ହଂସରାଜ ସାହୁ ୫ ଓଭରରେ ୨୮ ରନ ଦେଇ ପାଞ୍ଚଟି ୱିକେଟ ଅକ୍ତିୟାର କରିଥିଲେ ଏବଂ ବି.ଗୋପାଳ କ୍ରିଷ୍ଣ ରେଡ୍ଡୀ ୨୧ ଟି ବଲରେ ୫୧ ରନ କରିଥିଲେ । ମନୋହର ଡେଂଗ୍ରା ୧୮ ରନ କରି ପ୍ରଥମ ୱିକେଟ ହରାଇଥିଲେ । ମହାବିଦ୍ୟାଳୟର କ୍ରିକେଟ କୋଚ ରଣଜିତ ନାୟକ, ଦେବିଦତ୍ତ ମହାନ୍ତି ଏବଂ ଟିମ ମ୍ୟାନେଜର ଉଭିଦ ବିଜ୍ଞାନ ଅଧାପକ କୀର୍ତ୍ତି କୌଶିକ ନାୟକ ଉପସ୍ଥିତ ରହି ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର କ୍ରିକେଟ ଟିମକୁ ଉତ୍ସାହିତ କରିବା ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ଖୁଣ୍ଟା ମହାବିଦ୍ୟାଳୟରେ ହେବାକୁଥିବା ଫାଇନାଲ ମ୍ୟାଚ ନିମନ୍ତେ ପ୍ରସ୍ତୁତି କରାଇଥିଲେ. ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ଏହି ବୃହତ ବିଜୟ ପାଇଁ ଖେଳାଳୀମାନଙ୍କୁ ପ୍ରଶଂସା କରିବା ସହିତ କୋଚ ଏବଂ ଟିମ ମ୍ୟାନେଜରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଗୁଆହାଟିରେ କୋଟପାଡ଼ର ଅମୁଜୁରୀ ବିଶ୍ୱନାଥ ଭାରତ ବିକାଶ ଉପସ୍ଥାପନ କଲେ

**କୋଟପାଡ୍ ,୩୧/୧୨(ନି.ପ୍ର):** ଆଇଆଇଏସ୍ଏଫ୍ ଦଶମ ସଂସ୍କରଣ ୨୦୨୪ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଅନୁପ୍ରାଣିତ ଭାରତକୁ ଏକ ବିଶ୍ୱ ଉତ୍ପାଦନ ହବରେ ପରିଣତ କରିବା' ବିଷୟବସ୍ତୁ ଉପରେ ଆୟୋଜିତ ହୋଇଥିଲା ।ବିଜ୍ଞାନ ଏବଂ ବୈଷୟିକ ମନ୍ତ୍ରଣାଳୟ ଭାରତ ସରକାର, ବିଜ୍ଞାନ ଭାରତୀ ଏବଂ ସିଏସ୍ଆଇଆର୍ - ଜାତୀୟ ଆନ୍ତବିଭାଗୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ତଥା ଆସାମ ସରକାର ସହ ଆୟୋଜିତ କରାଗଲା,ଓଡ଼ିଶାର କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳର ୨୬ ଡିସେମ୍ବର ୨୦୨୪ ଭାରତ ଆନ୍ତର୍ଜାତୀୟ ବିଜ୍ଞାନ ମହୋତ୍ସବ (ଆଇଆଇଏସ୍ଏଫ୍) କାର୍ଯ୍ୟକ୍ରମ ଦେଶର ବିକାଶ ନିମନ୍ତେ ସର୍ବ ପ୍ରଥମେ ମାନନୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଏହାର ଦଶମ ସଂସ୍କରଣ ଭାରତୀୟ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ (ଆଇଆଇଟି) ଗୁଆହାଟି, ଆସାମରେ ବର୍ଷ ୨୦୨୪ ପାଇଁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଅନୁପ୍ରାଣିତ ଭାରତକୁ ଏକ ବିଶ୍ୱ ଉତ୍ପାଦନ ହବରେ ପରିଣତ କରିବା' ବିଷୟବସ୍ତୁ ଉପରେ ବିଜ୍ଞାନ ଏବଂ ବୈଷୟିକ ମନ୍ତ୍ରଣାଳୟ ଭାରତ ସରକାର, ବିଜ୍ଞାନ ଭାରତୀ ଏବଂ କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସ୍ଆଇଆର୍) - ଜାତୀୟ ଆନ୍ତବିଭାଗୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ତଥା ଆସାମ ସରକାର ଦ୍ୱାରା ଆୟୋଜିତ କରାଗଲା।





ଏହି ଆନ୍ତର୍ଜାତୀୟ ସ୍ତରର ପ୍ଲାଟଫର୍ମ ପାଇଁ ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ ଉପାନ୍ତ ଅଞ୍ଚଳ କୋଟପାଡ଼ର ଯୁବ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଅମୁଜୁରୀ ବିଶ୍ୱନାଥଙ୍କୁ ବିଭିନ୍ନ ସଫଳତା, ମାନକ, ଯୋଗ୍ୟତା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଉପରେ ଆଧାର କରି ବିଶେଷଜ୍ଞ ପ୍ରତିନିଧୀ ଭାବରେ ଆମନ୍ତ୍ରିତ କରାଯାଇଥିଲା। ଗ୍ଲୋବାଲ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଆଲାଇନ୍ସ - ସାଇନ୍ସ ବେୟୋଣ୍ଡ ବୋର୍ଡର, ଖେଳ ଏବଂ ସାହସିକ ମାଧ୍ୟମରେ ବିଜ୍ଞାନ,ସାଇନ୍ସ ସଫାରି, ଆଶାକର୍ମୀ ଶିକ୍ଷାବିତ୍ ଏବଂ ଶିକ୍ଷକ କର୍ମଶାଳା - ଗୁରୁକୁଲ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଯୋଗାଯୋଗ - ମିଡିଆ କନକ୍ଲେଭ, ଗ୍ଲୋବାଲ୍ ଉତ୍ପାଦନ ସମ୍ମିଳନୀ ଏଭେଣ୍ଟ ଗୁଡ଼ିକରେ ଅଂଶଗ୍ରହଣ କରି ଅମୁଜୁରୀ ବିଶ୍ୱନାଥ ନିଜର ଅଭିନବ ଚିନ୍ତାଧାରା ପ୍ରକାଶ କରିଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ ଆଧୁନିକ ଯୁଗରେ ଭାରତୀୟ ଜ୍ଞାନ ଏବଂ ସଂସ୍କୃତିକୁ ପ୍ରସାର କରି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରି ଭାରତର ଆଭ୍ୟନ୍ତରୀଣ ଅଞ୍ଚଳ ଯେପରି ଓଡ଼ିଶାର ଅବିଭାଜିତ କୋରାପୁଟ ଅଞ୍ଚଳ,ଛତିଶଗଡ଼ର ବସ୍ତର ଅଞ୍ଚଳ,ଉତ୍ତର ପୂର୍ବ ଅଞ୍ଚଳ ରାଜ୍ୟ,ଜମ୍ମୁ ଓ କଶ୍ମୀର ଅଞ୍ଚଳ ଏ୍ଂ ଦେଶର ଅନ୍ୟାନ୍ୟ ଅଞ୍ଚଳର ବିକାଶ ଅତି ଆବଶ୍ୟକ ରହିଛି। ଏହା ଦ୍ୱାରା ହିଁ ବିଶ୍ୱ ଦରବାରରେ ଭାରତ ବିକାଶ କରି ସମୃଦ୍ଧିଶାଳି ଦେଶ ତାଲିକାରେ ନିଃଶ୍ଚିତ ରୂପେ ପରିଗଣିତ ହେବ। ଅମୁଜୁରୀ ବିଶ୍ୱନାଥଙ୍କ ପ୍ରଦର୍ଶନୀ ଏବଂ ଆଦର୍ଶକୁ ମୁଖ୍ୟ ଅତିଥି ସମ୍ମାନିତ ମୁଖ୍ୟମନ୍ତ୍ରୀ ଆସାମ ଡକ୍ଟର ହିମନ୍ତ ବିଶ୍ୱ ଶର୍ମା, ବିଶେଷ ଅତିଥି କେନ୍ଦ୍ର ବିଜ୍ଞାନ ଏବଂ ବୈଷୟିକ ତଥା ପୃଥିବୀ ବିଜ୍ଞାନ ରାଜ୍ୟ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ, ବୈଜ୍ଞାନିକ ତଥା ଶିଳ୍ପ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଏନ କଲାଇସେଲଭି, ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଅଧକ୍ଷ ଡକ୍ଟର ଏସ ସୋମନାଥ, ବିଜ୍ଞାନ ଭାରତୀ ଜାତୀୟ ସଭାପତି ଡକ୍ଟର ଶେଖର ସି ମାଣ୍ଡେ, ଜାତୀୟ ସଚିବ ଡକ୍ଟର ଶିବ କୁମାର ଶର୍ମା, ସିଏସ୍ଆଇଆର୍ - ଏନ୍ଆଇଆଇଏସ୍ଟି ନିର୍ଦ୍ଦେଶକ ସି ଆନନ୍ଦ ରାମକୃଷ୍ଣନ୍, ସିଏସ୍ଆଇଆର୍ - ନିସ୍କପର ନିର୍ଦ୍ଦେଶକ ପ୍ରଫେସର ରଂଜନା ଅଗ୍ରୱାଲ, ସିଏସ୍ଆଇଆର୍ - ଆଇଆଇଏମ୍ଟି ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ନ୍ୟାସନାଲ ଇନୋଭେସନ୍ ଫାଉଣ୍ଡେସନ୍ ନିର୍ଦ୍ଦେଶକ ଡକ୍ଟର ଅରବିନ୍ଦ ସି ରାଣାଡେ ପ୍ରଶଂସା କରି ଅଭିନନ୍ଦନ ଜଣାଇଥିଲେ। ଏହି ଭାରତ ଆନ୍ତର୍ଜାତୀୟ ବିଜ୍ଞାନ ମହୋତ୍ସବରେ ବିଭିନ୍ନ ଦେଶ ତଥା ଭାରତର ବିଭିନ୍ନ ରାଜ୍ୟରୁ ବହୁ ପ୍ରତିନିଧୀ, ଅଧିକାରୀ, ଶିଳ୍ପପତି, ବୈଜ୍ଞାନିକ, ଶିକ୍ଷକ,ଏନଜିଓ ଏବଂ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ